## ସଂକ୍ଷେପରେ

### ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଝରିଗାଁ୧୪.୩(ସ୍ୱ.ପ୍ର)-** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭାଲୁକୁନାଡି ପଞ୍ଚାୟତ ସାରିଆପଡା ଗ୍ରାମରେ ଶନିବାର ଅପରାହ୍ନରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟିଛି। ସାରିଆପଡା ଗ୍ରାମର ପର୍ଶୁ ମାଝୀଙ୍କ ପୁଅ ଭଗତ ମାଝୀ(୩୩) ଘର ନିକଟରେ ଥିବା ଏକ ଗଛରେ ଚଢି ଶାଗ ତୋଳୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପଡିଯାଇଥିଲେ। ଏହାପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସହାୟତାରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୧୩ ଦାଦନ ଶ୍ରମିକ ଉଦ୍ଧାର

**ନବରଙ୍ଗପୁର,୧୪।୩(ବି.ପ୍ର.)-** ନବରଙ୍ଗପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ୧୩ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ଶନିବାର ଘରକୁ ଫେରାଇ ଦିଆଯାଇଛି। ନବରଙ୍ଗପୁର ଜିଲାର ଉମରକୋଟ, ଡାବୁଗାଁ ବ୍ଲକର ମାନିଗାଁ ଓ ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀ ଅଞ୍ଚଳର ୧୩ ଶ୍ରମିକ ହାଇଦ୍ରାବାଦର ଏକ ଇଟା ଭାଟିକୁ ଦାଦନ ଖଟିବାକୁ ଯାଉଥିଲେ। ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗଇପଇ କୌଣସି ସୂତ୍ରରୁ ଖବର ପାଇ ଜୟପୁର ଥାନା ଖବର ଦେଇଥିଲେ। ସେଠାକାର ପୋଲିସ ସେମାନଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରିଥିଲା। ଏବେ କରୋନା ଭୟ ସବୁଆଡେ ରହିଛି। ବାହାର ରାଜ୍ୟକୁ ଶ୍ରମିକ ମାନଙ୍କୁ ନଯିବା ପାଇଁ ସରକାର ନିୟମ କରିଛନ୍ତି। ପ୍ରଶାସନର ଅଜାଣତରେ ଶ୍ରମିକମାନେ କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଏଯାଏ ଗ୍ରାମାଞ୍ଚଳରେ କରୋନା ସଂକ୍ରମିତ ରୋଗ ପ୍ରତି ସଚେନତତା ଆସି ନାହିଁ। ନିରକ୍ଷରତା ଯୋଗୁ ନବରଙ୍ଗପୁର ଜିଲା ପାଇଁ ଏକ ବଡ ସମସ୍ୟା ହୋଇଛି।

### ମହୁମାଛି ଆକ୍ରମଣରେ ୧୪ ଛାତ୍ରୀଛାତ୍ର ଆହତ

**ଉମରକୋଟ,୧୪।୩(ଡି.ଏନ.ଏ)-** ଉମରକୋଟ ବ୍ଲକ ଅନ୍ତର୍ଗତ ବାଟିବେଡା ଆଶ୍ରମ ବିଦ୍ୟାଳୟରେ ୧୪ ଛାତ୍ରୀଛାତ୍ର ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ଆଶ୍ରମ ସ୍କୁଲର ବାରଣ୍ଡାରେ ଖେଳୁଥିବା ବେଳେ ସ୍କୁଲ ନିକଟରେ ଥିବା ମହୁମାଛି ଫେଣା ତଳେ ପଡିଯାଇଥିଲା। ପିଲାମାନଙ୍କୁ ହଠାତ ମହୁମାଛି ଆକ୍ରମଣ କରିଥିଲା। ଏହା ଦେଖି ଆଶ୍ରମ ସ୍କୁଲର ଶିକ୍ଷକ ପିଲାମାନଙ୍କୁ ନେଇ ଏକ ରୁମ ଭିତରେ ବନ୍ଦ କରିଦେଇଥିଲେ। ପରେ ମହୁମାଛି ଆକ୍ରମଣରେ ଆହତ ହୋଇଥିବା ୧୪ ଜଣଙ୍କୁ ପୂଜାରିଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଡାକ୍ତର କହିଛନ୍ତି।

### ପୂତିଗନ୍ଧମୟ ପରିବେଶରେ ନବରଙ୍ଗପୁର ଆମିଷ ବଜାର

**ନବରଙ୍ଗପୁର,୧୪।୩(ବି.ପ୍ର.)-** ନବରଙ୍ଗପୁର ସହର ମଧରେ ଥିବା ପୁରୁଣା ଦୈନିକ ବଜାର ଏବେ ଆମିଷ ବଜାର ଭାବେ ବ୍ୟବହାର କରାଯାଉଛି। ରାସ୍ତା କଡରେ ଓ ବାହାରେ ମାଛ ଓ ମାଂସ ବିକ୍ରୀ କରିପାରିବେ ନାହିଁ। ଏହି ନିୟମ ମାଧମରେ ପୌର ସଂସ୍ଥା ପକ୍ଷରୁ ପୁରୁଣା ଦୈନିକ ବଜାର ପରିସରରେ ମାଛ, ମାଂସ ବିକ୍ରୀ କରିବା ପାଇଁ ବ୍ୟବସାୟୀଙ୍କୁ ପିଣ୍ଡି ଓ ଷ୍ଟଲ ଆଦି ଯୋଗାଇଛନ୍ତି। ତେବେ ବଜାର ମଧରୁ ଡ୍ରେନ ପାଣି ନିଷ୍କାସନ ନହେବା, ଆମିଷ ବଜାରର ପୂତଗନ୍ଧମୟ ପାଣି, ଆବର୍ଜନା ଲାଗି ଦୁର୍ଗନ୍ଧ ବଢିବାରେ ଲାଗିଛି। ଆଖ ପାଖ ଅଞ୍ଚଳରେ ରହୁଥିବା ଲୋକେ ଦୁର୍ଗନ୍ଧ ବାୟୁ ଓ ପରିବେଶ ପ୍ରଦୂଷଣ ଲାଗି ସମସ୍ୟା ଭୋଗୁଛନ୍ତି। ଏନେଇ ନବରଙ୍ଗପୁର ପୌର ସଂସ୍ଥା ନିର୍ବାହୀ ଅଧିକାରୀଙ୍କ ନିକଟରେ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ବିନୟ କୁମା ପଟେଲ କହିଛନ୍ତି।

# ଅର୍ଥ ଅଭାବରୁ ଚାଲିଛି ଦେଶୀ ଚିକିତ୍ସା

**ନବରଙ୍ଗପୁର,୧୪।୩( ବି.ପ୍ର.)**

- ଦୁର୍ଘଟଣାରେ ହୋଇଛନ୍ତି ଗୁରୁତର
- ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଅଭିଯୋଗ
- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକ



ଗୁରୁତରଙ୍କ ପରିବାର ଲୋକ ଏସପିଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

ଦୁର୍ଘଟଣାରେ ୨ ଜଣ ଗୁରୁତର ହେଲେ। ତେବେ ଡାକ୍ତର ବ୍ରହ୍ମପୁର ଯାଇ ଚିକିତ୍ସିତ ହେବାକୁ ପରାମର୍ଶ ଦେଇଥିଲେ। ଅର୍ଥ ଅଭାବ ଓ ବଡ ସହର ଦେଖିନଥିବାରୁ ପରିବାର ଲୋକ ବ୍ରହ୍ମପୁର ଯିବାକୁ ସାହାସ ଜୁଟାଇ ପାରି ନଥିଲେ। ସେଥିପାଇଁ ପରିବାର ଲୋକ ସେମାନଙ୍କୁ ଘରକୁ ନେଇ ଆସିଥିଲେ। ଅର୍ଥ ଅଭାବରୁ ଦେଶୀ ଚିକିତ୍ସା କରୁଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ପୋଲିସ ଦୁର୍ଘଟଣା ଘଟାଇଥିବା ଚାରିଚକିଆ ଗାଡିକୁ ଛାଡି ଦେଇଛି। ଅଭିଯୋଗ ପରେ ଡାବୁଗାଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଗୁରୁତର ଆହତଙ୍କୁ ପରିବାର ଲୋକ ସାଥୀରେ ଧରି ଡାବୁଗାଁ ପୋଲିସ ବିରୋଧରେ ଏସପିଙ୍କୁ ଅଭିଯୋଗ କରିଛନ୍ତି। ଡାବୁଗାଁ ଥାନା ଅଧୀନ ମେଣ୍ଡ୍ରା ଗାଁର ତୁଳାରାମ ସାନ୍ତା ଓ ମକର ସାନ୍ତା ୧ ତାରିଖରେ ଉମରକୋଟରୁ ବାଇକରେ ଘରକୁ ଫେରୁଥିଲେ। ଚାଟିଗୁଡା ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ୪ ଚକିଆଗାଡି ( ନଂ ଓଡି୨୪ ସି୬୦୧୧) ବାଇକୁ ଧକ୍କା ଦେଇଥିଲା। ଏଥିରେ ମକର ଓ ତୁଳାରାମ ଗୁରୁତର ଆହତ ହୋଇ ରାସ୍ତାରେ ପଡିଥିଲେ। ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ଏହି ରାସ୍ତାରେ ଯିବା ବେଳେ ଦେଖି ଗୁରୁତରଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ୭ ଦିନ ଚିକିତ୍ସା ହେବା ପରେ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସା କରାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ମକର ଓ ତୁଳାରାମଙ୍କ ଗୋଡ ହାତ ଭାଙ୍ଗି ଯାଇଛି। କୁଲୀ ମଜୁରି କରି ବଞ୍ଚୁଥିବା ପରିବାର ପାଖରେ ଅର୍ଥ ଅଭାବ ସାଜିଛି। ଗୁରୁତର ମକର ଓ ତୁଳାରାମ ଏବେ ଠିଆ ହୋଇ ପାରୁ ନାହାଁନ୍ତି। କୁଲି କାମ କଲେ ଘର ଚଳୁଥିବା ପରିବାର ଏବେ କିଭଳି ବ୍ୟୟ ବହୁଳ ଚିକିତ୍ସା କରାଇବ ବୋଲି ପ୍ରଶ୍ନ କରିଛନ୍ତି। ଅଭାବ ଓ ବଡ ସହର ଦେଖିନଥିବା ପରିବାର ବ୍ରହ୍ମପୁର ନନେଇ ଘରକୁ ଫେରାଇଆଣି ଦେଶୀ ଚିକିତ୍ସା କରାଉଛନ୍ତି। ଚିକିତ୍ସା କରାଇବା ପାଇଁ ଅର୍ଥ ନଥିବା, ଦୁର୍ଘଟଣା ପରେ ନ୍ୟାୟ ନମିଳିବା , ପୋଲିସ ଗାଡି ଛାଡିଦେବା ଭଳି ଅଭିଯୋଗ ଆଣି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଯଦୁ ସାନ୍ତା, ଗୁରୁ ସାନ୍ତା, ଲୋକନାଥ ସାନ୍ତା, ଚକ୍ର ସାନ୍ତା ସମେତ ମକରଙ୍କ ସ୍ତ୍ରୀ ଉମୁଣି ସାନ୍ତା, ଓ ତୁଳାରାମଙ୍କ ସ୍ତ୍ରୀ ମଣି ସାନ୍ତା। ତେବେ ଅଭିଯୋଗ କ୍ରମେ ଡାବୁଗାଁ ପୋଲିସ କେସ ନମ୍ବର ୫୪/୨୦ ରୁଜୁ କରି ତଦନ୍ତ କରୁଛି।

# ବାଜିଲା ମଣ୍ଡେଇ ବାଜା


ବାଜା ବଜାଇ ମଣ୍ଡେଇ ପାଇଁ ଡାକରା ଦିଆଯାଉଛି।

**ଧୋଡ୍ରା, ୧୪।୩ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ଧୋଡ୍ରାଠାରେ ମା ଇଂଲାଜିନୀ ଠାକୁରାଣୀଙ୍କ ପ୍ରସିଦ୍ଧ ଧୋଡ୍ରା ମଣ୍ଡେଇ ମହୋତ୍ସବ ପାଇଁ ଶନିବାର ମଣ୍ଡେଇ ବାଜା ବଜାଇ ଡାକରା ଦିଆଯାଇଛି। ପାରମ୍ପରିକ ରୀତିନୀତିରେ ପୂଜାରୀ, ଦିଶାରୀ, ଗାଣ୍ଡା, ଚଲାଣ, ଗାଉଁଟିଆ ଏବଂ ମଣ୍ଡେଇ କମିଟି ଇଂଲାଜିନୀ ଠାକୁରାଣୀଙ୍କ ପୂଜାରୀ ଭଗବାନ ପୂଜାରୀଙ୍କ ଘରୁ ଫୁଲ ତବଲା ଧରି ମଣ୍ଡେଇ ପଡିଆକୁ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଭୂମିପୂଜା କରିଥିଲେ। ପରେ ଗ୍ରାମମୁଖିଆ ଗାଣ୍ଡା ଅରୁଣ ପନକାଙ୍କୁ ଧଳା ପୋଷାକ ପିନ୍ଧାଇ ମୁଣ୍ଡରେ ପଗଡି ବାନ୍ଧି ବଜାର ଚତୁର୍ଦ୍ଦିଗରେ ବାଜା ବଜାଇ ଡାକରା ଦେଇଥିଲେ। ଆସନ୍ତା ୨୧ରୁ ୨୫ ପର୍ଯ୍ୟନ୍ତ ମଣ୍ଡେଇ ଅନୁଷ୍ଠିତ ହେବ। ଆପଣମାନେ ସମସ୍ତେ ଆସି ମଣ୍ଡେଇ ଯାତ୍ରା ଉପଭୋଗ କରିବେ ବୋଲି କହିଥିଲେ।

# କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀଙ୍କୁ ଭେଟିଲେ ବଳଭଦ୍ର

**ନବରଙ୍ଗପୁର,୧୪।୩(ବି.ପ୍ର.)**


କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀଙ୍କୁ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ସାକ୍ଷାତ୍ କରୁଛନ୍ତି।

ଜନଜାତି କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସଂସଦ କାର୍ଯ୍ୟାଳୟରେ ନବରଙ୍ଗପୁର ପୂର୍ବତନ ଏମପି ବଳଭଦ୍ର ମାଝୀ, ନବରଙ୍ଗପୁର ଜିଲା ସଭାପତି ଜଗଦିଶ ବିଷୋୟୀ, ଯୁବ ନେତା ଗୌରୀ ଶଙ୍କର ମାଝୀ ପ୍ରମୁଖ ଭେଟିଛନ୍ତି। ନବରଙ୍ଗପୁର ଲୋକସଭା ଅଞ୍ଚଳ ସମ୍ପର୍କରେ ଆଲୋଚନା କରିଛନ୍ତି। ନବରଙ୍ଗପୁର ଲୋକସଭା କ୍ଷେତ୍ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଅଞ୍ଚଳ ଏବେ ଅନେକଙ୍କ ଦୃଷ୍ଟି ଅନ୍ତୁଆଳରେ ରହିଛି। ବିକାଶ ପାଇଁ କେନ୍ଦ୍ର ଦେଉଥିବା ଅନୁଦାନ ଠିକ ମାର୍ଗରେ ବ୍ୟବହାର ହେଉନାହିଁ ଏନେଇ ନବରଙ୍ଗପୁର ଲୋକସଭା ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବା ସହ ଗସ୍ତ କରିବା ପାଇଁ ଅନୁରୋଧ କରିଛନ୍ତି। ବିକାଶ ପାଇଁ ଓଡିଶା ସରକାରଙ୍କ କୌଣସି ପ୍ରସ୍ତାବକୁ ଅଣ ଦେଖା କରାଯାଇନାହିଁ। ପ୍ରତି ବ୍ଲକରେ ଏକଲବ୍ୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ କରାଗଲେ ନିର୍ମାଣ କାର୍ଯ୍ୟ ଆଗେଇବ ବୋଲି ମନ୍ତ୍ରୀ ମୁଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅଞ୍ଚଳ ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବ ବୋଲି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ବଳଭଦ୍ର ମାଝୀ ସୂଚନା ଦେଇଛନ୍ତି।

# ଅପହୃତ ଛାତ୍ରୀ ଉଦ୍ଧାର

**ନବରଙ୍ଗପୁର,୧୪।୩(ବି.ପ୍ର.)**

ନବରଙ୍ଗପୁର ଜିଲାରେ ଅପହରଣ ହୋଇଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମାଲକାନଗିରି ଜିଲା ଖଇରପୁଟରୁ ପୋଲିସ ଉଦ୍ଧାର କରିଛି। ଛାତ୍ରୀ ଜଣକ ଓଡିଶା ଆଦର୍ଶ ବିଦ୍ୟାଳୟ ପଢୁଛନ୍ତି। ଆସନ୍ତା ୧୭ ତାରିଖରେ ଇତିହାସ ଓ ଭୁଗୋଳ ବିଷୟରେ ମାଟ୍ରିକ ପରିକ୍ଷା ରହିଛି। ଏନେଇ ଅତିରିକ୍ତ କ୍ଲାସ ପାଇଁ ଛାତ୍ରୀ ଜଣକ ସହପାଠିନୀ ସହ ବିଦ୍ୟାଳୟକୁ ଯାଇଥିଲେ। ଅପରାହ୍ନ ୪ଟାରେ କ୍ଲାସ ସରିବା ପରେ ବିଦ୍ୟାଳୟ ବାହାରକୁ ଆସିଥିଲେ। ଜଣେ ଯୁବକ ମୁହଁରେ କଳା ମୁଖା ପିନ୍ଧି ନାବାଳିକା ଜଣଙ୍କୁ ଜବରଦସ୍ତି ବାଇକରେ ବସାଇ ଅପହରଣ କରି ନେଇଥିଲେ। ସହପାଠିନୀ ଜଣକ ପ୍ରତିବାଦ କରିବାରୁ ତାଙ୍କୁ ମଧ ଧମକ ଦେଇଥିଲେ। ସହପାଠିନୀ ଜଣକ ଛାତ୍ରୀଙ୍କ ଘରକୁ ଆସି ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ଏନେଇ ଛାତ୍ରୀଙ୍କ ବାପା ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ମାଲାକାନଗିରି ଜିଲା ଖଇରପୁଟରେ ନାବାଳିକାଙ୍କୁ ନେଇ ରଖାଯାଇଥିବା ପୋଲିସ ସନ୍ଧାନ ପାଇଥିଲା। ନାବାଳିକାଙ୍କ ବାପା, ସବଇନ୍ସପେକ୍ଟର ନୀଳିମା ପାଣିଗ୍ରାହୀ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅପହରଣ କରିଥିବା ପାପଡାହାଣ୍ଡି ବ୍ଲକ ସିରିସି ଗ୍ରାମର ଦେବାନନ୍ଦ ପଟ୍ଟନାୟକଙ୍କୁ ମଧ ପୋଲିସ ସାଥୀରେ ଧରି ନବରଙ୍ଗପୁର ଆଣିଛି। ରବିବାର ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବ।

# କରୋନା ସଚେତନତା


ଛାତ୍ରୀଛାତ୍ର ହାତ ସଫା କରୁଛନ୍ତି।

**ଚନ୍ଦାହାଣ୍ଡି, ୧୪।୩(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବନଦୁର୍ଗା ଉଚ୍ଚ ବିଦ୍ୟାଳୟ ଦେଓବନ୍ଧଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କରୋନା ଭାଇରସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରମାନେ ପରୀକ୍ଷା ହଲକୁ ଯିବା ପୂର୍ବରୁ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକ ଛାତ୍ରୀଛାତ୍ରମାନଙ୍କୁ ଷ୍ଟେରିଲିୟମ ନାମକ ଏକ ତରଳ ସାନିଟାଇଜର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଏହାକୁ ହାତରେ ବ୍ୟବହାର କରି ପରୀକ୍ଷା ହଲକୁ ପ୍ରବେଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଭୁଜବଳ ମେହେର, ଶଶାଙ୍କ ଶେଖର ପାତ୍ର, ପ୍ରଭାକର ଦାସ, ସତ୍ୟନାରାୟଣ ଦାସ, ତୁଳାରାମ ପାରୀ, ଦିଲୀପ କୁମାରଦାସ, ବାସୁଦେବ ତଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତଃଜିଲା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟ

**ନବରଙ୍ଗପୁର,୧୪।୩(ବି.ପ୍ର)**


ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ସହ ଖେଳାଳି ଓ ଅନ୍ୟମାନେ।

ସ୍ଥାନୀୟ ଷ୍ଟାଡିୟମ ଠାରେ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶନିବାର ମ୍ୟାଚରେ ବ୍ଲୁ ଦଳ ରେଡ ଦଳକୁ ୫ ଉଇକେଟରେ ପରାସ୍ତ କରିଛି। ରେଡ ଦଳ ପ୍ରଥମେ ବ୍ୟାଟିଂ କରି ୪୨.୩ ଓଭରରେ ସମସ୍ତ ଇଉକେଟ ହରାଇ ୨୭୧ ରନ କରିଥିଲେ। ଏହାର ଜବାବରେ ବ୍ଲୁ ଦଳ ୪ ଓଭର ପୂର୍ବରୁ ଆବଶ୍ୟକ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟରେ ପ୍ରାକ୍ତନ କ୍ରିକେଟ ଖେଳାଳି ରମେଶ ସାମନ୍ତରାୟ, ସବୀର ବେଗ, ଅଶୋକ ନାୟକ ଓ ଲାଲା ମହମ୍ମଦ ଚୟନକର୍ତ୍ତା ଭାବେ ନିଜ ଦାୟିତ୍ୱ ତୁଲାଇଥିଲେ। ଶଶାଙ୍କ ଶେଖର ବେହେରା ଓ ଆଶୋକ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ରବିବାର ଅରେଜ ଓ ଗ୍ରୀନ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ୪ଟି ଦଳରେ ଖେଳୁଥିବା ଜିଲାର ବିଭିନ୍ନ ଅଞ୍ଚଳର ଖେଳାଳିଙ୍କୁ ଚୟନ କରାଯାଇ ଜିଲା ସ୍ତରୀୟ ଏକ ଦଳ ଗଠନ କରାଯିବ ବୋଲି ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବ୍ରାହ୍ମଣ ସମାଜ ଜିଲା ସମ୍ମିଳନୀ ଘୁଞ୍ଚିଲା

**ନବରଙ୍ଗପୁର,୧୪।୩(ବି.ପ୍ର.)**


ବୈଠକରେ ଉପସ୍ଥିତ ବ୍ରାହ୍ମଣ ସମାଜର କର୍ମକର୍ତ୍ତା।

ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଜିଲା ବ୍ରାହ୍ମଣ ସମାଜର ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲାର ସକ୍ରୀୟ ସଦସ୍ୟ ଓ ଉପଦେଷ୍ଟା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଜିଲା ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କରୋନାକୁ ଦୃଷ୍ଟିରେ ରଖି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମ୍ମିଳନୀକୁ ସ୍ଥଗିତ କରାଯାଇଛି। ପରବର୍ତ୍ତି ସମୟରେ ବିଭିନ୍ନ ବୈଠକ ପରେ ଦିନ ଧାର୍ଯ୍ୟ କରାଯିବ ବୋଲି ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା।

# ଗୁଜବକୁ ନେଇ ଗ୍ରାମବାସୀ ଭୟଭୀତ

**ପାପଡାହାଣ୍ଡି/ମଇଦଲପୁର, ୧୪।୩(ଡି.ଏନ.ଏ)**

ଏକ ମିଥ୍ୟା ଗୁଜବକୁ ନେଇ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଆଉଁଳି ଗ୍ରାମରେ ଶନିବାର ଭୟର ବାତାବରଣ ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ସନ୍ଧ୍ୟାରେ ଗାଁର ମହିଳା ମାନଙ୍କ ମଧରେ କେହି କୋକୁଆ ଭୟ ଖେଳାଇ ଦେଇଥିଲା ଯେ, ଯାହାର ଗୋଟିଏ ପୁଅ କିମ୍ବା ଝିଅ ଅଛି ସେମାନେ ସଙ୍ଗେ ସଙ୍ଗେଯାଇ ଶୈବ ପୀଠ ଦର୍ଶନ କରିବାକୁ ପଡିବ। ନଚେତ ଛୁଆଙ୍କ ଉପରେ ଅଘଟଣ ଘଟିବ। ଗୁଜବଟି ଗ୍ରାମରେ ଖେଳି ଯାଇଥିଲା। ଲୋକେ ଗୁଜବକୁ ନେଇ ଭୟଭୀତ ହୋଇପଡିଥିଲେ। ଗ୍ରାମର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଦୀର୍ଘ ୩ କି ମି ରାସ୍ତା ଅନ୍ଧାରରେ ଚାଲି ଚାଲି ଆସି ମଇଦଲପୁର ଶୈବ ପୀଠରେ ପୂଜାର୍ଚ୍ଚନା ସହ ଦର୍ଶନ କରିଥିଲେ। ଖବର ପାଇ ମଇଦଲପୁର ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଇବା ସହ ଏହା ଗୁଜବ ବୋଲି କହିଥିଲା।


ଲୋକେ ମନ୍ଦିରରେ ଠାକୁରଙ୍କ ଦର୍ଶନ କରୁଛନ୍ତି

# ଦେବସ୍ଥଳିରୁ ଜବରଦଖଲ ଉଚ୍ଛେଦ

**କୋଡିଙ୍ଗା,୧୪।୩(ଡି.ଏନ.ଏ)**


ଉଚ୍ଛେଦ ବେଳେ ଉପସ୍ଥିତ ପୋଲିସ ଓ ଲୋକମାନେ।

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅନ୍ତର୍ଗତ ଚିର୍ମା ଗ୍ରାମରେ କେତେ ଜଣ ଦେବସ୍ଥଳ ଜମିକୁ ଜବରଦଖଲ କରି ରଖିଥିଲେ। ଏହାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଚିର୍ମା ଗ୍ରାମରେ ଗ୍ରାମଦେବୀଙ୍କ ଜମିକୁ କେତେ ଜଣ ଜବରଦଖଲ କରି ରଖିଥିଲେ। ଏ ନେଇ ଗ୍ରାମାବସୀ କୋଡିଙ୍ଗା ତହସିଲଦାର, ନବରଙ୍ଗପୁର ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳ , କୋଡିଙ୍ଗା ତହସିଲଦାର , କୋଡିଙ୍ଗା ଥାନା ଅଧିକାରୀ ଓ ୩ ପ୍ଲାଟୁନ ପୋଲିସ ଘଟଣାସ୍ଥଳକୁ ଯାଇ ଜବରଦଖଲକୁ ବୁଲଡୋଜର ଲଗାଇ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ସମୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ପ୍ରଶାସନ ଏହାକୁ ନିୟନ୍ତ୍ରଣ କରାଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଗତ ୩ ମାସ ତଳେ କୋଡିଙ୍ଗା ତହସିଲଦାର ପକ୍ଷରୁ ଚିହ୍ନଟ କରାଯାଇ ଜବରଦଖଲକାରୀଙ୍କୁ ୩ ମାସ ମଧ୍ୟରେ ଖାଲି କରିବା ପାଇଁ ନୋଟିସ ଦିଆଯାଇଥିଲା। କିନ୍ତୁ ଜବରଦଖଲକାରୀ ନ ହଟିବାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି।

UTKAL GRAMEEN BANK
HEAD OFFICE, BOLANGIR
PUBLIC NOTICE
Utkal Grameen Bank is a scheduled commercial Bank owned by Government of India, State Bank of India and Government of Odisha. Under CTS clearing system, we were sub-member through Yes Bank which is now under moratorium imposed by RBI. Our relationship with Yes Bank was limited only to avail CTS clearing facility. We are in advanced stage of making alternative arrangements for participation in CTS clearing shortly. All other transactions are continuing in the Bank in a normal manner without any disruptions. We request our esteemed customers to bear with us for some more time for resuming CTS clearing.
CHAIRMAN

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନୀଳକଣ୍ଠନଗର, ବ୍ରହ୍ମପୁର-୨, ଗଞ୍ଜାମ
ଫୋନ୍: ୬୩୭୨୮୨୩୧୨୨, ୯୮୬୧୦୩୩୬୩୩
ମେଧା ଅନ୍ୱେଷଣ ବିଜ୍ଞାପନ
ଦ୍ୱିତୀୟ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମେଧା ଅନ୍ୱେଷଣ ପରୀକ୍ଷା ନିମନ୍ତେ ଫର୍ମ ବିକ୍ରି ଆସନ୍ତା ତା୧୫।୦୩।୨୦୨୦ରିଖଠାରୁ ତା୨୫।୦୩।୨୦୨୦ରିଖ ପର୍ଯ୍ୟନ୍ତ ବିଦ୍ୟାଳୟ କାର୍ଯ୍ୟାଳୟରେ ମିଳିବ। ବିଶଦ ବିବରଣୀ ନିମନ୍ତେ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସ୍ୱା./- ସମ୍ପାଦକ
ବି.ଦ୍ର.: ଅଷ୍ଟମଶ୍ରେଣୀଠାରୁ Hostel ବ୍ୟବସ୍ଥା ଏବଂ ୨ୟ ଶ୍ରେଣୀଠାରୁ ବସ୍ ବ୍ୟବସ୍ଥା ଅଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ମାର୍ଚ୍ଚ ୧୫/୨୦୨୦ Rayagada, Sunday, March 15 / 2020

## ସଂକ୍ଷେପରେ



### ସିଆରପିଏଫ୍ ପକ୍ଷରୁ ରକ୍ତଦାନ ଶିବିର

**ରାୟଗଡ଼ା ଅଫିସ ,୧୪।୩:** ରାୟଗଡ଼ା ସିଆରପିଏଫର ୮୧ ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ରାଜପୁତ, ସେକେଣ୍ଡ ଇନ କମାଣ୍ଡାଣ୍ଟ ମିଟୁ ରୟ, ଡ଼େପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର, ସମ୍ବଲପୁରର ଡ଼ିଆଇଜି ଏସ.କେ ପୁରୋହିତଙ୍କ ସମେତ ଅନ୍ୟ ଯବାନମାନେ ଅଂଶଗ୍ରହଣ କରିଥିଲେ । ଏଥିରୁ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି । ରକ୍ତ ଅନ୍ୟକୁ ଜୀବନ ଦାନ ଦିଏ । ସମସ୍ତେ ରକ୍ତ ଦାନ କରିବା ଆବଶ୍ୟକ । ଏହା ଏକ ମହତ କାର୍ଯ୍ୟ ବୋଲି କମାଣ୍ଡାଣ୍ଟ ରାଜପୁତ ପ୍ରକାଶ କରିଛନ୍ତି ।

### ୫ ଶିଶୁ ଶ୍ରମିକ ଉଦ୍ଧାର

**ରାୟଗଡା ଅଫିସ, ୧୪।୩:** ଜିଆରପି ପୋଲିସ ଏବଂ ରାୟଗଡା ଚାଇଲଡ଼ ଲାଇନ ପକ୍ଷରୁ ଶନିବାର ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ୩ ନାବାଳକ ଓ ୨ ନାବାଳିକା ଦାଦନ ଖଟିବାକୁ ଯାଉଥିବା ବେଳେ ରାୟଗଡା ଷ୍ଟେଶନରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ରାୟଗଡା ନିକଟରେ ଥିବା ଆଲୁବାଡି ଗ୍ରାମର ନାବାଳକମାନେ ତିରୁପତି ଦାଦନ ଖଟିବାକୁ ଯାଉଥିବା ବେଳେ ବିଷମକଟକ ବ୍ଲକ ଭାତପୁର ଗ୍ରାମର ନାବାଳିକାମାନେ କାମ କରିବାକୁ ଚିଲିକା ଯାଉଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ ସ୍ୱଧାରା ଗୃହକୁ ପଠାଯାଇଛି ।

### ରାୟଗଡ଼ା କଲେଜରେ ବିଦାୟକାଳୀନ ସଭା



**ରାୟଗଡ଼ା ଅଫିସ,୧୪।୩:** ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଦାୟକାଳୀନ ସଭା ଶନିବାର ଅର୍ଥନୀତି ବିଭାଗର ମୁଖ୍ୟ ଡ଼. ବବିଲତା ସୋରଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅର୍ଥନୀତି ସ୍ନାତକ ଏବଂ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଇନକ୍ଲୁସିଭ ଗ୍ରୋଥ ଇନ ଇଣ୍ଡିଆ ବିଷୟକୁ ନେଇ ଏକ ସେମିନାର ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଡ଼. ଜଗନ୍ନାଥ ପଟ୍ଟନାୟକ ଯୋଗ ଦେଇ ସ୍ୱାଧୀନ ଭାରତରେ ଦାରିଦ୍ର୍ୟ,ବେକାରି ଓ ଅସମାନତା ଦୂର କରିବା ଦିଗରେ ଛାତ୍ରୀଛାତ୍ରଙ୍କ ଅନେକ ଭୂମିକା ରହିଛି ବୋଲି କହିଥିଲେ । ପ୍ରଫେସର ୱାଇ ଭି ସାଇ ମାଧବ , ମନୋଜ କୁମାର ପଟ୍ଟନାୟକ, ତୁବଲ କୁମାର ବେନିୟା ପ୍ରମୁଖ ଅଧ୍ୟାପକ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଷ୍ଟ୍ରେଚରରେ ବୁହାହେବା ବେଳେ ରାସ୍ତାରେ ପ୍ରସବ

## ଜନ୍ମିତ ୨ ସନ୍ତାନ ମଧ୍ୟରୁ ଆଖି ବୁଜିଲା ଶିଶୁକନ୍ୟା

**ରାୟଗଡ଼ା ଅଫିସ/ଟିକିରି, ୧୪।୩(ଡି.ଏନ୍.ଏ.)**

ଗାଁକୁ ରାସ୍ତା ନ ଥିଲା । ଅଧାବାଟରେ ଆସି ଅଟକି ରହିଲା ୧୦୨ ଆମ୍ବୁଲାନ୍ସ । ଗାଁରୁ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ୩ କିମି ବାଟ ବୋହି ନଦୀ ପାର ହୋଇ ଆମ୍ବୁଲାନ୍ସ ପାଖେ ପହଞ୍ଚିବା ପୂର୍ବରୁ ହେଲା ପ୍ରସବ । ରାସ୍ତାରେ ହିଁ ଦୁଇଟି ସନ୍ତାନକୁ ଜନ୍ମଦେଲେ ଗର୍ଭବତୀ । କିନ୍ତୁ ଦୁର୍ଭାଗ୍ୟ, ଦୁଇଟି ସନ୍ତାନ ମଧ୍ୟରୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଜନନୀ ଯନ୍ତ୍ରଣାର ଏଭଳି ଚିତ୍ର ଜିଲାବାସୀଙ୍କୁ ବ୍ୟଥିତ କରିଛି ।

ସୂଚନା ଅନୁଯାୟୀ, କାଶୀପୁର ବ୍ଲକ କୋଡ଼ପାରି ପଞ୍ଚାୟତ ଅଡ଼ାଜାଲ ଗ୍ରାମର ଜାମା ମାଝିଙ୍କ ପତ୍ନୀ ଫଗୁଣୀ ମାଝି ଗର୍ଭବତୀ ଥିଲେ । ଶନିବାର ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ଜାମା ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବାରୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଆସିଥିଲା । କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ଅଧାବାଟରେ ଆସି ଅଟକି ରହିଥିଲା ଆମ୍ବୁଲାନ୍ସ । ଫଳରେ ବାଧହୋଇ ଜାମା ଗ୍ରାମର କେତେକ ମହିଳା ଓ ଆଶାକର୍ମୀଙ୍କ ସହଯୋଗରେ ଫଗୁଣୀଙ୍କୁ ଷ୍ଟ୍ରେଚରରେ ନଦୀ ପାର କରି ୩ କିମି ଦୂର ଆମ୍ବୁଲାନ୍ସ ନିକଟକୁ ନିଆଯାଉଥିଲା । କିନ୍ତୁ ତା' ପୂର୍ବରୁ ରାସ୍ତାରେ ହିଁ ଫଗୁଣୀ ଦୁଇଟି ସନ୍ତାନକୁ ଜନ୍ମ ଦେଇଥିଲେ । ଭାଗ୍ୟର ବିଡ଼ମ୍ବନା, ଘଟଣାସ୍ଥଳରେ ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା । ପରେ ଆମ୍ବୁଲାନ୍ସରେ ମା' ଓ ଶିଶୁପୁତ୍ରକୁ ୪୦ କିମି ଦୂର ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ଉଭୟେ ସୁସ୍ଥ ଥିବା ଜଣାପଡ଼ିଛି ।



ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ନଦୀ ପାର କରାଯାଉଛି ।

# ୯୫% ମାମଲା ତୁଟାଇଛି ଖାଉଟି ଅଦାଲତ

## ଆଜି ବିଶ୍ୱ ଖାଉଟି ଅଧିକାର ଦିବସ

- ରାୟଗଡ଼ା ଖାଉଟି ଅଦାଲତ ପ୍ରତିଷ୍ଠା ଦିନରୁ ରୁଜୁ ହୋଇଛି ୬ ହଜାର ମାମଲା
- ୫୭୦୦ ମାମଲା ଫଇସଲା କରିଛି ଅଦାଲତ
- ବର୍ତ୍ତମାନ ୩୦୦ ମାମଲା ବିଚାରାଧୀନ ରହିଛି

**ରାୟଗଡ଼ା ଅଫିସ,୧୪।୩**

ମାର୍ଚ୍ଚ ୧୫କୁ ବିଶ୍ୱ ଖାଉଟି ଅଧିକାର ଦିବସ ଭାବେ ପାଳନ କରାଯାଉଛି । ରାୟଗଡ଼ା ଜିଲାରେ ଖାଉଟିଙ୍କ ଅଧିକାରର ସୁରକ୍ଷା ପାଇଁ ୧୯୯୪ ଜୁନ୍ ୧ରେ ପ୍ରତିଷ୍ଠା ହୋଇଥିବା ଖାଉଟି ଅଦାଲତ ଏଯାବତ୍ ରୁଜୁ ହୋଇଥିବା ମାମଲାରେ ୯୫ ପ୍ରତିଶତ ଖାଉଟିଙ୍କୁ ନ୍ୟାୟ ଦେଇପାରିଛି । ବର୍ତ୍ତମାନ ସୁଦ୍ଧା ୬୦୦୦ ଜଣ ଉପଭୋକ୍ତା ରାୟଗଡ଼ା ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେଥିରୁ ୫୭୦୦ ମାମଲାର ବିଚାର ସମ୍ପୂର୍ଣ୍ଣ କରି ଉପଭୋକ୍ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି ଅଦାଲତ । ଏହାସହ ଖାଉଟି ଅଧିକାରକୁ ପ୍ରଭାବିତ କରିଥିବା ଅନୁଷ୍ଠାନକୁ କ୍ଷତିପୂରଣ ଶୁଣାଇଛନ୍ତି । ବର୍ତ୍ତମାନ ଅଦାଲତରେ ୩୦୦ଟି ମାମଲା ବିଚାରାଧୀନ ରହିଛି ।

ବିଶ୍ୱ ଖାଉଟି ଅଧିକାର ଦିବସରେ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ କହିଛନ୍ତି, ଗ୍ରାହକ ସଦାସର୍ବଦା ସଜାଗ ରହିବା ଉଚିତ । ମିଠା କିଣିବା ସମୟରେ ମିଠାର ଦାମ ସହ ଏହାର ପ୍ୟାକେଟର ଦାମ୍ ମିଠାର ଦାମ୍ ସହ ମିଶାଇ ନିଆଯାଉଛି । ଏଥିପ୍ରତି ଗ୍ରାହକ ସଜାଗ ରହି ଏପରି ଘଟଣାକୁ ବିରୋଧ କରିବା ଉଚିତ । ବିକ୍ରେତା ନ ମାନିଲେ ଅଦାଲତର ଦ୍ୱାରସ୍ଥ ହେବା ଜରୁରୀ ବୋଲି ସେ କହିଛନ୍ତି । ସେହିପରି ଅନ୍ୟ ଜଣେ ଉପଭୋକ୍ତା ତଥା ଶିକ୍ଷକ ବିଜୟ କୁମାର ପଣ୍ଡା କହିଛନ୍ତି ଯେ, କୌଣସି ଦ୍ରବ୍ୟର ଗ୍ୟାରେଣ୍ଟି ପ୍ରଦାନରେ କମ୍ପାନୀ ବା ଅନୁଷ୍ଠାନ ସମୟ ମୁତାବକ ସେବା ପ୍ରଦାନ ନ କଲେ ଉପଭୋକ୍ତା କ୍ଷତିପୂରଣ ପାଇବାର ନିୟମ ରହିଛି । ତାହା ସହ ଯେ କୌଣସି ଛୋଟ ବା ବଡ଼ ଦ୍ରବ୍ୟ କିଣିବା ସମୟରେ ଏହାର ବିକ୍ରି ରସିଦ୍ ମାଗିବାକୁ ଖାଉଟିଙ୍କୁ ଜାଗ୍ରତ କରାଯାଉ । ଯେ କୌଣସି ଉପଭୋକ୍ତାଙ୍କ ଅଧିକାର କ୍ଷୁଣ୍ଣ ହେଲେ ସେମାନେ ଜିଲା ଉପଭୋକ୍ତା ଅଦାଲତକୁ ନିଜ ଅଧିକାର ପାଇଁ ଯାଇପାରିବେ ବୋଲି ସେ କହିଛନ୍ତି । ଜିଲା ଉପଭୋକ୍ତା ଅଦାଲତରେ ବର୍ତ୍ତମାନ ଡ. ଅଶ୍ୱିନ କୁମାର ମହାପାତ୍ର ବିଚାରକ ଭାବେ ରହିଛନ୍ତି ।

# ତାଲିମ ନେଇ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ମୁନିଗୁଡା, ୧୪।୩(ଡି.ଏନ୍.ଏ.)**

ବେକାରି ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଓଡିଶା ଜୀବିକା ମିଶନ ଏବଂ ଓର୍ମାସ୍‌ର ମିଳିତ ସହଯୋଗରେ ଗୁରୁବାର ମୁନିଗୁଡା କମ୍ୟୁନିଟି ହଲରେ ଏକ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି । ମୁନିଗୁଡା ବ୍ଲକ ଅଧ୍ୟକ୍ଷ ଶ୍ରୀଧର କାରଡ଼ା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ଓରମାସ୍‌ର ଅତିରିକ୍ତ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର, ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ ଓ ବିପିଏମ୍ କ୍ଷୀରୋଦ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନାମ ପଞ୍ଜୀକରଣ କରି ବିଭିନ୍ନ ସଂସ୍ଥାରେ ତାଲିମ ନେଇ ରୋଜଗାରକ୍ଷମ ହେବାକୁ ଅତିଥିମାନେ ବୁଝାଇଥିଲେ । ଏହି ଅବସରରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ବଳରାମ ପଣ୍ଡା ଟ୍ରଷ୍ଟ, ସାଇ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ଼, ଭୁବନେଶ୍ୱରର ସିପେଟ, ଗଜପତିର ଗ୍ରାମ ତରଙ୍ଗ ଏମ୍ପ୍ଲୟାବିଲିଟି ଟ୍ରେନିଙ୍ଗ ସର୍ଭିସେସ ଭଳି ୮ଟି ସଂସ୍ଥା ଯୋଗଦେଇ ଥିଲେ । ଯୁବତୀ ଯୁବକଙ୍କ ପାଇଁ ସିଲେଇ, ପ୍ଲମ୍ବର, ହୋଟେଲ ମ୍ୟାନେଜମେଣ୍ଟ, କମ୍ପ୍ୟୁଟର, ସହଜ ଇଂଲିଶ ଶିକ୍ଷା, ଫିଟର ଭଳି ୩୨ଟି ପ୍ରକାରର ତାଲିମ ସୁଯୋଗ ରହିଛି ବୋଲି ଉପରୋକ୍ତ ସଂସ୍ଥାର ପ୍ରତିନିଧିମାନେ କହିଥିଲେ । ଶିବିରରେ ଅଞ୍ଚଳର ୫୯୬ ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୧୩ଜଣ ବାହାରକୁ ଯିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଭାକର ନାଳା ପ୍ରମୁଖ ପରିଚାଳନା କରିଥିଲେ ।

# ୩ ଦିନ ପାଇଁ ପୁରୀ-ଗୁଣପୁର ଟ୍ରେନ ଚଳାଚଳ ବନ୍ଦ

**ଗୁଣପୁର,୧୪।୩(ଡି.ଏନ.ଏ)**

ଗୁଣପୁର-ପୁରୀ ଏବଂ ପୁରୀ-ଗୁଣପୁର ପାସେଞ୍ଜର ଟ୍ରେନ ୩ ଦିନ ପାଇଁ ବନ୍ଦ ରହିବ । ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସହ ରକ୍ଷଣାବେକ୍ଷଣଜନିତ ମରାମତି କାର୍ଯ୍ୟ ପାଇଁ ରେଳ ଚଳାଚଳ ବନ୍ଦ ରହିବ ବୋଲି ୱାଲଟିୟର ଡିଭିଜନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ୧୫, ୨୨ ଏବଂ ୨୯ ତାରିଖ ଏହି ତିନି ଦିନ ପାଇଁ ପୁରୀ-ଗୁଣପୁର-ପୁରୀ ଟ୍ରେନ ଚଳାଚଳ କରିବ ନାହିଁ । ସେହିପରି ପଲାସା-ଗୁଣପୁର-ପଲାସା ଟ୍ରେନ ମଧ୍ୟ ଉଭୟ ପଟୁ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ପୁରୀ-ଗୁଣପୁର ଟ୍ରେନ ଗୁଣପୁର ଆସିବା ପରେ ରାତିରେ ପଲାସା ଅଭିମୁଖେ ଯାତ୍ରା କରୁଥିଲା । ପୁଣି ପଲାସାରୁ ଭୋରରୁ ବାହାରି ଗୁଣପୁର ଆସି ସକାଳେ ପୁରୀ ଅଭିମୁଖେ ଯାତ୍ରା କରୁଥିଲା ।




# କରୋନା ନେଇ ସଚେତନତା କାର୍ଯ୍ୟକ୍ରମ

**ଜେକେପୁର, ୧୪।୩ (ଡି.ଏନ୍.ଏ.)**

ଜେକେପୁର ଚାନ୍ଦିଲି ପଞ୍ଚାୟତ ଅଧୀନ ଇଏସ୍‌ଆଇ ଡାକ୍ତରଖାନାଠାରେ କରୋନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦିଲି ସେକ୍ଟର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ତଥା ଚାନ୍ଦିଲି, ପେଣ୍ଠା, ନୂଆପଡା, କୁମୁଟପେଣ୍ଠ, କାରଲାକଣା ଓ ଅମଲାପେଟା ସାମିଲ ହୋଇଛନ୍ତି । ଗୋଷ୍ଠୀ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ୍ତ କୁମାର ସୁବୁଦ୍ଧିଙ୍କ ନିର୍ଦ୍ଦେଶାନୁସାରେ ଚାନ୍ଦିଲି ସେକ୍ଟରରେ କାମ୍ପ ମାଲିଗାଁ ପିଏଚ୍‌ରେ ସ୍ୱାସ୍ଥ୍ୟ ଅଧିକାରୀ ତନୁଜା ବଳ ଯୋଗ ଦେଇ ୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶା ତଥା ଅଙ୍ଗନୱାଡି କର୍ମୀଙ୍କୁ କରୋନା ଭାଇରସ୍ ସମ୍ବନ୍ଧରେ କିଭଳି ସଚେତନତା କରାଯିବ ସେନେଇ କହିଥିଲେ । ପ୍ରତିଦିନ ଗାଁରୁ ବାହାରକୁ ଯାଉଥିବା ଏବଂ ବାହାରୁ ଗ୍ରାମକୁ ଆସୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିହ୍ନଟ କରିବା ନେଇ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ସି ଜୋନ୍‌ର ଜିଲା ପରିଷଦ ସଭ୍ୟ ପି. ଗୌରୀ ଶଙ୍କର ରାଓ ଯୋଗ ଦେଇଥିଲେ । ଜେକେ କମ୍ପାନୀ ପି.ଆର.ଓ. ଏସ୍.କେ. ନାଥ, କାଗଜକଳର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଏସ୍.ପି. ରଥ, ଚାନ୍ଦିଲି ସେକ୍ଟରର ଭାରପ୍ରାପ୍ତ ସୁପର ଭାଇଜର ସଂଯୁକ୍ତା ଶତପଥୀ କରୋନା ଭାଇରସ ନେଇ କହିଥିଲେ ।



କରୋନା ନେଇ ସଚେତନତା କରାଯାଉଛି ।

# ଅଧାରୁ ବନ୍ଦ ହେଲା ଦୋଳଯାତ୍ରା

## କରୋନା ନେଇ ପ୍ରଶାସନର ପଦକ୍ଷେପ

**ପଦ୍ମପୁର, ୧୪।୩ (ଡି.ଏନ୍.ଏ.)**

କରୋନା ଭୂତାଣୁ ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସ୍କୁଲ, କଲେଜ, ଧାର୍ମିକ ସମ୍ମିଳନୀ ଓ ଏକାଠି ମେଳିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଶନିବାର ପଦ୍ମପୁରର ଐତିହାସିକ ଦୋଳ ଯାତ୍ରାକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ଏହି ଯାତ୍ରା ୯ ଦିନ ଧରି ଚାଲୁ ରହିଛି । ପଦ୍ମପୁର ଥାନାଧିକାରୀ ସଞ୍ଜୟ କୁମାର ନାୟକଙ୍କ ସହ ଥାନାର ବହୁ ଅଫିସର ଯାତ୍ରାକୁ ବନ୍ଦ କରିବା ସହ ଦୋକାନ ବଜାର, ଦୋଳି ଓ ସାଂସ୍କୃତିକ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରେ ମନ୍ଦିର ପରିଚାଳକ ବଂଶୀଧର ପାଣିଗ୍ରାହୀ ଯାତ୍ରା ଶେଷ ନେଇ ଡାକବାଜି ମାଧ୍ୟମରେ ଘୋଷଣା କରିଥିଲେ । ସେହିପରି ବିଡ଼ିଓ ଦୟାମୟ ପାଢ଼ୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ବ୍ଲକର ସୀମାନ୍ତ ଗ୍ରାମ ନୂଆଗଡ, ପାରିମା, କନ୍ଧ ପାଣ୍ଡରାଗୁଡା , ନାନ୍ଦ୍ରା ଭଳି ପାହାଡିଆ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ସଚେତନ କରାଇଥିଲେ । ଏଥିସହ ଏହି ଗୁଜବକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ । ଯଦି ବାହାର ରାଜ୍ୟରୁ କେହି ଆସନ୍ତି ସଙ୍ଗେ ସଙ୍ଗେ ବ୍ଲକ ପ୍ରଶାସନକୁ ଜଣାଇବା ପାଇଁ ବିଡ଼ିଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ରବିବାର ଜିଲାପାଳ ପ୍ରମୋଦ କୁମାର ବେହେରା ସମସ୍ତ ବ୍ଲକକୁ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ କରୋନା ସଂକ୍ରମଣର ଆଗୁଆ ପଦକ୍ଷେପ ଉପର ସଚେତନ ପାଇଁ ବାର୍ତ୍ତା ରଖିବେ ।



ଗ୍ରାମବାସୀଙ୍କୁ ଅଧିକାରୀମାନେ କରୋନା ସମ୍ପର୍କରେ ବୁଝାଉଛନ୍ତି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ପାଗଳା କୁକୁର ଆତଙ୍କ

#### ଗୋଟିଏ ଦିନରେ ୮ ଜଣଙ୍କୁ କାମୁଡ଼ିଲା



**ଦଶମନ୍ତପୁର, ୧୪।୩(ଡି.ଏନ୍.ଏ.)** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତର ସଦର ଗାଁ, କୁନ୍ତେଶ ଓ ବିରିଗୁଡ଼ା ଗ୍ରାମର ୮ଜଣଙ୍କୁ ଶନିବାର ପାଗଳା କୁକୁର କାମୁଡିଛି। ସେ ସମସ୍ତଙ୍କୁ କୋରାପୁଟ ଡାକ୍ତରଖାନାକୁ ପଠାଯାଇଛି।

ସୂଚନା ଅନୁଯାୟୀ, ବିରିଗୁଡ଼ା ଆଦିବାସୀ ସାହିର ଇଶ୍ୱର ଚନ୍ଦ୍ର ମାଣ୍ଡିଙ୍ଗା(୬୦) କାମ ସାରି ଘରକୁ ଫେରୁଥିବା ବେଳେ ଏକ ପାଗଳା କୁକୁର ତାଙ୍କ ହାତ ଓ ଗୋଡକୁ କାମୁଡିଥିଲା। ବୃଦ୍ଧ ଜଣଙ୍କ ଗୁରୁତର ଥିବାରୁ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସେହିପରି ବିରିଗୁଡ଼ା ହରିଜନ ସାହିର ରାମଚନ୍ଦ୍ର ଖସଲାଙ୍କ ସ୍ୱର୍ଣ୍ଣପ୍ରଭା ମଧ କୁକୁର କାମୁଡାରେ ଗୁରୁତର ହୋଇଛନ୍ତି। ଅନ୍ୟ ୬ଜଣ ଗୁରୁତରଙ୍କ ମଧରେ ବିରିଗୁଡ଼ା ଓ କୁନ୍ତେଶ ହଷ୍ଟେଲର ୨ ଜଣ ଛାତ୍ରୀ ରହିଥିବା ସୂଚନା ମିଳିଛି।

### ଜମିଲା ନାଲ୍‌କୋ ପକ୍ଷରୁ 'ରଙ୍ଗୋଲି' କାର୍ଯ୍ୟକ୍ରମ

**ଦାମନଯୋଡି, ୧୪।୩(ଡି.ଏନ୍.ଏ.)-** ନାଲ୍‌କୋ ପକ୍ଷରୁ 'ରଙ୍ଗୋଲି'-୨୦୨୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନାଲ୍‌କୋ କ୍ଲବ ସଭାପତି ତଥା ନାଲ୍‌କୋ ଇଡି ରବିଶଙ୍କର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନାଲ୍‌କୋ ମହାପ୍ରବନ୍ଧକ ସୁଶିଲ କୁମାର ପାଢୀ, ଆର୍.ଏନ୍. ଉପାଧ୍ୟାୟ, ନାଲ୍‌କୋ କ୍ଲବ ଉପସଭାପତି ଭୀମସେନ ପ୍ରଧାନ, ସି.ଏଚ୍.ପ୍ରମୋଦ କୁମାର ପାତ୍ର, ବି.କେ. ପଣ୍ଡା, ଅରୁଣ କୁମାର ଦାସ, ବି.କେ. ଦାସ, ନେତ୍ରାନନ୍ଦ ମହାରଣା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅର୍ଜୁନ ବସୁ ମଞ୍ଚ ସଂଯୋଜନା କରିଥିଲେ। ଭଜନ ସିଂହ, ଲୋଭାବତୀ ବିଶ୍ୱାଳ ସଙ୍ଗୀତ ପରିବେଷଣ କରିଥିଲେ। ଦେବାଶିଷ ଛୋଟରାୟ, ସୀତେନ୍ଦୁ ମହାରଣା, ପଙ୍କଜ ଚୌହାନ, ରଶ୍ମୀରଞ୍ଜନ ପଢିଆରୀ, ଚନ୍ଦ୍ରଶେଖର ସେଠ, ସତ୍ୟରଞ୍ଜନ ସାହୁ, ରଶ୍ମୀ ରଞ୍ଜନ ସେଠୀ, ଉତ୍ତମ ପଟ୍ଟନାୟକ, ମନିଷ ଗୁପ୍ତା, ଅନିରୁଦ୍ଧ କୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା।

### ବିବାହିତା ମହିଳାଙ୍କୁ ଅପହରଣ ଅଭିଯୋଗ

**ଲଙ୍ଗଳେଶ୍ୱର, ୧୪।୩(ଡି.ଏନ.ଏ.)** ବାଲିଆପାଳ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗତ ଫେବୃୟାରୀ ୨୩ ତାରିଖରେ ଉକ୍ତ ମହିଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ସ୍ୱାମୀ ବାପଘରେ ଛାଡିଆସିଥିଲେ। ଗତ ମାର୍ଚ୍ଚ ୧୦ତାରିଖରେ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ବାଲିଆପାଳ ଥାନା ମହିଳା ଡେସ୍କ ଅଧିକାରିଣୀ ସ୍ୱର୍ଣ୍ଣପ୍ରଭା ଜେନା କହିଛନ୍ତି ଯେ, ପରିବାର ଲୋକେ ଉକ୍ତ ମହିଳାଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି।

# ଟଙ୍କାଟିଏ ପାଉନାହାନ୍ତି ଆଦିବାସୀ ମା'

## ମାତୃ ଓ ଶିଶୁ ସୁରକ୍ଷା ଯୋଜନା ବାଟବଣା

**ଜୟପୁର, ୧୪।୩(ନି.ପ୍ର.)**

ମାତୃ ଓ ଶିଶୁ ସୁରକ୍ଷା ପାଇଁ ସରକାର ବହୁ ଯୋଜନା ପ୍ରଣୟନ କରୁଥିଲେ ମଧ କୋରାପୁଟ ପରି ଉପାନ୍ତ ଜିଲାରେ ଏହା ଫଳପ୍ରଦ ହୋଇପାରୁ ନାହିଁ। ତାହାର ଏକ ଦୃଷ୍ଟାନ୍ତ ଜିଲାର ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ପୋଡ଼ାପଦର ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ୨ ଜଣ ଆଦିବାସୀ ମହିଳା ମମତା ଯୋଜନାରେ ସାମିଲ ହୋଇଛନ୍ତି ସତ, କିନ୍ତୁ ସେମାନଙ୍କୁ ଟଙ୍କାଟିଏ ମଧ ସହାୟତା ମିଳିନାହିଁ। ନନ୍ଦେଇ ଜାନୀଙ୍କ ଶିଶୁ ଜନ୍ମହୋଇ ୪ମାସ ବିତିଲାଣି। ସୁବତି ସାନ୍ତାଙ୍କ ୧ ମାସର ନବଜାତ ଶିଶୁ ରହିଛି। ସେମାନଙ୍କ ବ୍ୟାଙ୍କ ପାସବୁକ୍ ଅଙ୍ଗନୱାଡ଼ି କର୍ମୀଙ୍କ ପାଖରେ ଥିବାବେଳେ ସେମାନଙ୍କୁ ଟଙ୍କାଟିଏ ମିଳିନାହିଁ। କୌଣସି ମହିଳା ନିଜ ନାମକୁ ପଞ୍ଜିକୃତ କରିବା ପରେ ସେ ଗର୍ଭବତୀ ହେବା ପରଠାରୁ ଶିଶୁ ଜନ୍ମ ହେବାର



ସରକାରୀ ଅନୁଦାନରୁ ବଞ୍ଚିତ ଜଣେ ମହିଳା ।

୨ ବର୍ଷ ପର୍ଯ୍ୟନ୍ତ ମା' ଓ ଶିଶୁର ସମସ୍ତ ତଥ୍ୟ ଓ ଠିକଣା ଉଲ୍ଲେଖ ରହିବ। ଆର୍ଥିକ ସ୍ୱଚ୍ଛଳ ହୋଇ ନ ଥିବା ଯୋଗୁ ଗର୍ଭାବସ୍ଥା ଓ ସ୍ତନ୍ୟପାନ ବେଳେ ଅନେକ ମହିଳାଙ୍କୁ ଶାରୀରିକ ଶ୍ରମ କରିବାକୁ ପଡ଼ିଥାଏ। ଏହାଦ୍ୱାରା ନବଜାତ ଶିଶୁର ଅସୁସ୍ଥତା ଓ ମୃତ୍ୟୁର ଆଶଙ୍କା ବଢ଼ିଯାଏ। ଏହାକୁ ରୋକିବା ପାଇଁ ଗର୍ଭବତୀ ମହିଳାଙ୍କୁ ୬ ମାସ ବିତିବା ପରେ ୭ ମାସରେ ୩ ହଜାର ମା' ପାଇଁ ଓ ନବଜାତ ଶିଶୁକୁ ୯ ମାସ ପରେ ୨ ହଜାର ଟଙ୍କା ମିଳିବ। କିନ୍ତୁ ନନ୍ଦେଇ ଓ ସୁବତୀଙ୍କ ଭଳି ବହୁ ଆଦିବାସୀ ମହିଳା ଏହି ସରକାରୀ ଯୋଜନାରେ ଟଙ୍କାଟିଏ ବି ପାଇନାହାନ୍ତି। ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ଏନେଇ ସିଡିପିଓ ପ୍ରଭାତିରାଣୀ ତ୍ରିପାଠୀ କହିଛନ୍ତି, ମୁଁ ଏ ସମ୍ପର୍କରେ ବୁଝିବା ପରେ ପଦକ୍ଷେପ ନେବି।

# କଂସେଇଖାନାରେ ତାଲା ଦେଲେ ସାହିବାସିନ୍ଦା

**ଜୟପୁର, ୧୪।୩(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ଦ୍ୱିତୀୟ ଦୈନିକ ବଜାରରେ ୨ ବର୍ଷ ତଳେ ଉଦ୍‌ଘାଟିତ ହୋଇଥିବା ଆମିଷ ବଜାରସ୍ଥିତ କଂସେଇଖାନାକୁ ବନ୍ଦ କରିବା ପାଇଁ ସୌରାସାହି, ପାତ୍ରସାହି ବାସିନ୍ଦା ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି। କିନ୍ତୁ ପୌରସଂସ୍ଥା କୌଣସି ପଦକ୍ଷେପ ନେଇନାହିଁ। ତେଣୁ ଶନିବାର ସାହିବାସିନ୍ଦା ଉକ୍ତ କଂସେଇଖାନାରେ ତାଲା ପକାଇଛନ୍ତି। ତିନି ମାସ ଭିତରେ ବ୍ୟବସ୍ଥା କରିବା ପାଇଁ ପୌରସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ ମଧ ସାହିବାସିନ୍ଦା ତାହାକୁ ଭ୍ରୂକ୍ଷେପ ନ କରି ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ କଂସେଇଖାନାରେ ବୋଦା, ଛେଳି, ମେଣ୍ଢା ମାଂସ ବାହାର କରାଯିବା ନେଇ ସମସ୍ୟା ଉପୁଜିଛି।

ପ୍ରକାଶ ଯେ, ୨୦୧୭ ଅକ୍ଟୋବରରେ ଜୟପୁର ମୁଖ୍ୟ ଦୈନିକ ବଜାରରୁ ଦ୍ୱିତୀୟ ଦୈନିକ ବଜାରକୁ ଆମିଷ ବଜାର ସ୍ଥାନାନ୍ତର ହେବା ପରେ ପୌରସଂସ୍ଥା ନୂତନ କଂସେଇଖାନା ସ୍ଥାପନ କରିଥିଲା। କିନ୍ତୁ ଏଠାରେ ପଶୁଙ୍କଠାରୁ ବାହାରୁଥିବା ବିଭିନ୍ନ ବର୍ଜ୍ୟବସ୍ତୁକୁ ନିକଟସ୍ଥ ଡ୍ରେନରେ ଢଳାଯାଉଛି । ପୌରସଂସ୍ଥା ଉପଯୁକ୍ତ ସଫେଇ କରୁ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ତୁରନ୍ତ କଂସେଇଖାନା ସ୍ଥାନାନ୍ତର ପାଇଁ ମହେନ୍ଦ୍ର ଅଧିକାରୀ, ଜଗଦିଶ ସାହୁ, କୈଳାସ ମହାପାତ୍ର, ସୁଦିପ୍ତ ସାହୁ, ରଜନୀ ନାୟକ, ଗୋପାରଞ୍ଜନ ପାଣିଗ୍ରାହୀ, ରଞ୍ଜିତ ସାହୁ, ବୃନ୍ଦା ସାବତ ପ୍ରମୁଖ ସାହିବାସିନ୍ଦା ଦାବି କରିଛନ୍ତି।



କଂସେଇଖାନାରେ ତାଲା ପକାଉଛନ୍ତି ସାହିବାସିନ୍ଦା ।

# ଥାନାରେ ପହଞ୍ଚିଲା ଠାକୁରାଣୀ ମୂର୍ତ୍ତି ଭଙ୍ଗା ଘଟଣା

## ମୁରାନ ଫାଣ୍ଡି ଅଧିକାରୀଙ୍କୁ ଅଭିଯୋଗ କଲେ ଗୁମ୍ମା ଗ୍ରାମବାସୀ, ବିଶ୍ୱ ହିନ୍ଦୁ ପରିଷଦ

**ଦଶମନ୍ତପୁର, ୧୪।୩( ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଗୁମ୍ମା ଗାଁରେ ଥିବା ମା' ଠାକୁରାଣୀ ଗୁଡିଙ୍କ ମୂର୍ତ୍ତି ଭଙ୍ଗାଯାଇଥିବା ନେଇ ଶନିବାର ଗ୍ରାମବାସୀ ଓ ଦଶମନ୍ତପୁର ବିଶ୍ୱ ହିନ୍ଦୁ ପରିଷଦ ମୁରାନ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ମା'ଙ୍କ ମୂର୍ତ୍ତି ଭଙ୍ଗା ଘଟଣା ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରିଛି। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

ପ୍ରକାଶ ଯେ, ଗୁମ୍ମା ଗାଁରେ ଥିବା ଠାକୁରାଣୀ ଗୁଡିଙ୍କ ପୀଠରେ ପ୍ରତ୍ୟେକ ମଙ୍ଗଳବାର ପୂଜା କରାଯାଏ। ଗତ ମଙ୍ଗଳବାର ପୂଜାରୀ ମନ୍ଦିରକୁ ଯିବାରୁ ଠାକୁରାଣୀଙ୍କ ମୂର୍ତ୍ତି ଏବଂ ସାମଗ୍ରୀ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ସେ ଏହି ଖବର ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ଗାଁରେ ଏକ ବୈଠକ କରାଯାଇଥିଲା। କିଏ କେଉଁ କାରଣରୁ ଏଭଳି କାଣ୍ଡ ଘଟାଇଛି ନିଜେ ସ୍ୱୀକାର କରିବାକୁ କୁହାଯାଇଥିଲା। କେହି ବି ଘଟଣା ସମ୍ପର୍କରେ ମୁହଁ ନ ଖୋଲିବାରୁ ଗ୍ରାମବାସୀ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶନିବାର ମୁରାନ ଫାଣ୍ଡି ଅଧିକାରୀ ପି.ଚନ୍ଦ୍ର. ନାୟକଙ୍କୁ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ କରାଯିବ ବୋଲି ବିଶ୍ୱ ହିନ୍ଦୁ ପରିଷଦ ସଂଘ ସଭାପତି ମୋହନ ଚନ୍ଦ୍ର ପାତ୍ର କହିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ୧୯୯୧ ମସିହାରେ ଗାଁରେ ଥିବା ଜଣେ ପାଗଳ ଠାକୁରାଣୀଙ୍କ ମୂର୍ତ୍ତି ଭାଙ୍ଗିଥିବା ଜଣାପଡିଛି। ଗାଁରେ ଦୁଇ ଦୁଇ ଥର ଏଭଳି ଘଟଣା ଘଟିଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ବଢୁଛି।



ଫାଣ୍ଡି ଅଧିକାରୀ ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

**ଦାମନଯୋଡି, ୧୪।୩(ଡି.ଏନ୍.ଏ.)**

ଦାମନଯୋଡି ସେକ୍ଟର-୨ ଅଷ୍ଟ ପ୍ରହରୀ ମଣ୍ଡପରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଦାମନଯୋଡି, ଲକ୍ଷ୍ମୀପୁର ଓ କାକିରିଗୁମ୍ମା ଅଞ୍ଚଳରୁ ୧୧ଟି ସଂକୀର୍ତ୍ତନ ମଣ୍ଡଳି ଏଥିରେ ଭାଗ ନେଇଥିଲେ। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସୁଶାନ୍ତ ଶେଖର ପାଢୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆନନ୍ଦ ବାବା ଓ ସହଯୋଗୀ ପୂଜା କର୍ମ କରିଥିଲେ। ଆୟୋଜକ ପବିତ୍ର କୁମାର ସାହୁ, ରତୀନ୍ଦ୍ର ପ୍ରଧାନ, ରାଇସିଂ ମାଝି, ଗଣେଶ୍ୱର ଓଝା, ଶିଶିର ପରିଡ଼ା, ଏଚ୍.କେ. ପାତ୍ର, ସନ୍ତୋଷ ସେନାପତି, ସନ୍ତୋଷ ମିଶ୍ର, ସଦାଶିବ ବେହେରା, ରବୀନ୍ଦ୍ର ପ୍ରସାଦ ବେହେରା, ନିରଞ୍ଜନ ପାତ୍ର, ରବୀନ୍ଦ୍ର ନାଥ ସାମଲ, ଚନ୍ଦ୍ରଶେଖର ବେଉରା, ଏସ୍.କେ. ପଶାୟତ, ସଞ୍ଜୟ ସାହୁ, ପି.କେ.ମୁନି, ହୃଦୟାନନ୍ଦ ପଟ୍ଟନାୟକ ଓ ଉପେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

**ବାଲିଆପାଳ/ଲଙ୍ଗଳେଶ୍ୱର, ୧୪।୩(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ସମୟରେ ୧୩୮ ଲିଟର ବିଦେଶୀ ମଦ, ୧୭୦ ଲିଟର ଦେଶୀମଦ ସମେତ ଦୁଇଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇଛି । ବାଲେଶ୍ୱର ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ସଦର ଇନ୍ସପେକ୍ଟର ପ୍ରବୀଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଦଳ ବାଲିଆପାଳ ବ୍ଲକର ସିମୁଳିଆ, ଡଗରା, ପାଳପଡା ଅଞ୍ଚଳରେ ଚଢାଉ କରି ବିଦେଶୀ ଏବଂ ଦେଶୀ ମଦ ଜବତ କରିଛନ୍ତି । ଗିରଫ ଦୁଇଜଣ ହେଲେ କମଳଲୋଚନ ଦାସ ଓ ସନ୍ତୋଷ କୁମାର ପିଳା। ସିମୁଳିଆ ଅଞ୍ଚଳର ସପନ କୁମାର ମଣ୍ଡାଳ ଫେରାର ହୋଇଯାଇଛନ୍ତି। ଏହି ଚଢାଉ ଅଭିଯାନରେ ସଦର ଓଆଇସି ଅର୍ଜ୍ଜୁନ ମଲ୍ଲିକ, ବସ୍ତା ଓଆଇସି ସି ଅମ୍ପା ମାରଣ୍ଡି ଓ ଅନ୍ୟମାନେ ସାମିଲ ଥିଲେ।

# ଘରୋଇ ବସ୍ ମାଲିକଙ୍କୁ ଆକ୍ରମଣ

## ଅନ୍ୟ ବସ୍‌ର ୩ କର୍ମଚାରୀଙ୍କ ନାଁରେ ଏତଲା

**ଜୟପୁର, ୧୪।୩(ଡି.ଏନ୍.ଏ.)**

ଜୟପୁରରୁ ବସ୍ ଛାଡ଼ିବା ସମୟକୁ ନେଇ ଦୁଇ ଘରୋଇ ବସ୍ କର୍ମଚାରୀ ଅନ୍ୟ ଏକ ବସ ମାଲିକଙ୍କ ସହ ବିବାଦ ଦେଖାଦେଇଛି। ଏଥିରେ ହାଇଦ୍ରାବାଦ ଯାଉଥିବା ଗାଲାକ୍ସି ଘରୋଇ ବସ୍‌ର କର୍ମଚାରୀଙ୍କ ପକ୍ଷରୁ ମାଲକାନଗିରି ଯାଉଥିବା ମହାବାହୁ ନାମକ ଘରୋଇ ବସ ମାଲିକ ସୁବ୍ରମଣ୍ୟମ ପାତ୍ରଙ୍କୁ ଆକ୍ରମଣ କରାଯାଇଛି। ପାତ୍ରଙ୍କ ପକ୍ଷରୁ ଟାଉନଥାନାରେ ଆକ୍ରମଣକାରୀ ୩ ଜଣ ବସ୍ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ହୋଇଛି। ଅପରାହ୍ନ ୪ଟାରେ ମହାବାହୁ ବସ୍‌ର ଗନ୍ତବ୍ୟସ୍ଥଳକୁ ଯାତ୍ରା ସମୟ ରହିଥିଲା। କିନ୍ତୁ ଏହାପରେ ହାଇଦ୍ରାବାଦ ବସ୍‌ର ସମୟ ଥିଲା। ଏହା ପୂର୍ବରୁ ଉକ୍ତ ବସ୍ ଜୟପୁରରୁ ଯାତ୍ରା ଆରମ୍ଭ କରିବା ନେଇ ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ଏନେଇ ହାଇଦ୍ରାବାଦ ବସ୍‌ର କର୍ମଚାରୀମାନେ ବିରୋଧ କରୁଥିବା ଘରୋଇ ବସ୍‌ର ମାଲିକଙ୍କୁ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ କରୁଛି।

# ଦେଶିଆ ଭାଷାରେ ହେଉ ଖବର ପ୍ରସାରଣ

## 'କାହାଣୀରେ ଆକାଶବାଣୀ' ଆଲୋଚନାଚକ୍ର

**ଜୟପୁର, ୧୪।୩(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ରେଡିଓ ଶ୍ରୋତାଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ଅବିଭକ୍ତ କୋରାପୁଟ ଜିଲାରେ ଜୟପୁର ଆକାଶବାଣୀ କେନ୍ଦ୍ର ଆଦିବାସୀ (ଦେଶିଆ) ଭାଷାରେ ଖବର ପ୍ରସାର କରୁ। ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜୟପୁର ଆକାଶବାଣୀ କେନ୍ଦ୍ରକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ଏଭଳି ଦାବି ଉଠିଛି। 'କାହାଣୀରେ ଆକାଶବାଣୀ' ଶୀର୍ଷକ ଏହି ଆଲୋଚନାଚକ୍ରରେ ସହରର ବୁଦ୍ଧିଜୀବୀ, ଆକାଶବାଣୀ କେନ୍ଦ୍ର ସ୍ୱୀକୃତିପ୍ରାପ୍ତ କଳାକାର ଯୋଗ ଦେଇଛନ୍ତି। ପୂର୍ବରୁ ଓ ବର୍ତ୍ତମାନ ଜୟପୁର କେନ୍ଦ୍ରର ଦେଶିଆ ଭାଷାର କାର୍ଯ୍ୟକ୍ରମ ଚଇତି ଜହ୍ନର ଅଧିକ ସଂଖ୍ୟାରେ ଶ୍ରୋତା ରହିଛନ୍ତି। ତେଣୁ ଖବର ଦେଶିଆ ଭାଷାରେ ପ୍ରସାରିତ ହେଲେ ଅଧିକ ଆଦୃତ ହୋଇପାରିବ ବୋଲି ସମସ୍ତେ ଆଶା ପ୍ରକଟ କରିଛନ୍ତି। ଏନେଇ ଆକାଶବାଣୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ସ୍ଥାନୀୟ କଳାକାର ଓ ବୁଦ୍ଧିଜୀବୀ। ଅନ୍ୟପକ୍ଷରେ ବର୍ତ୍ତମାନ ଆକାଶବାଣୀର ଦୟନୀୟ ଅବସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ଦାୟୀ କରାଯାଇଛି। ଏହି ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ଲକ୍ଷ୍ମୀଧର ସାହୁ, ବରିଷ୍ଠ କଳାକାର ଧୀରେନ ପଟ୍ଟନାୟକ, ସୁଶାନ୍ତ ଅଧିକାରୀ, ମୁରଲି ପଟ୍ଟନାୟକ, ଗୋପାଳ ସାମନ୍ତରାୟ, ମନୋଜ ପାତ୍ର ମତ ରଖିଥିଲେ। ଖବରଦାତା ସୁମନ୍ତ ସାହୁ, ଟି. ଗୌରୀଶଙ୍କର, ରାଜେନ୍ଦ୍ର ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ।

# ସାମୂହିକ ବ୍ରତୋପନୟନ ପାଇଁ ପ୍ରସ୍ତୁତି



ବ୍ରତୋପନୟନ ପାଇଁ ଶୁଭ ଗୁଆ ଦିଆଯାଉଛି ।

**କୁନ୍ଦୁରା, ୧୪।୩(ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକରେ ସାମୂହିକ ବ୍ରତୋପନୟନ ପାଇଁ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଡଙ୍ଗରପାଉଁଶସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ଶୁଭଗୁଆ ଅନୁକୂଳ କରାଯାଇଛି। ବ୍ଲକ ବ୍ରାହ୍ମଣ ସମାଜ ସଭାପତି ରାଧାନାଥ ଭଟ୍ଟଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ୩୦ ମାର୍ଚ୍ଚ ଶୁକ୍ଳ ଷଷ୍ଠୀରେ ବ୍ରତୋପନୟନ ପାଇଁ ସ୍ଥିର ହୋଇଛି। ବ୍ରତୋପନୟନ ହେବାକୁ ଥିବା ବ୍ରହ୍ମଚାରୀଙ୍କ ମାତାପିତାମାନେ ଲକ୍ଷ୍ମୀନାରାୟଣ ମନ୍ଦିର ଆସି ବୟୋଜ୍ୟେଷ୍ଠ ବ୍ରାହ୍ମଣ ଉଦୟନାଥ ସାହୁ, ମଦନମୋହନ ସାନ୍ତ୍ରା, ସାରଥ ଚରଣ ତ୍ରିପାଠୀ, ରାମକୃଷ୍ଣ ସାବତଙ୍କ ନିକଟରେ ଶୁଭଗୁଆ ଦେଇଛନ୍ତି। ଲକ୍ଷ୍ମୀନାରାୟଣ ମନ୍ଦିରରେ ୨୯ ତାରି ଚାରିକର୍ମ, ୩୦ରେ ବ୍ରତ କରାଯିବ ବୋଲି ବ୍ରାହ୍ମଣ ସମାଜ ସମ୍ପାଦକ ରାଧାପ୍ରସାଦ ପାତ୍ର କହିଛନ୍ତି।

# ବଢୁଛି ଦେଶୀ ମଦ କାରବାର, ହାତ ବାନ୍ଧି ବସିଛି ଅବକାରୀ ବିଭାଗ

**ଦଶମନ୍ତପୁର, ୧୪।୩( ଡି.ଏନ୍.ଏ.)**

ମଦ କାରବାରକୁ ରୋକିବାକୁ ମହିଳାମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରୁଛନ୍ତି। ନିଜ ଅଞ୍ଚଳରେ ଥିବା ମଦ ବ୍ୟବସାୟୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଆନ୍ତି। ମଦଭାଟି ଭାଙ୍ଗିବା ନଜିର ମଧ ରହିଛି। କିନ୍ତୁ ଏତେ ବିରୋଧ ସତ୍ତ୍ୱେ କୋରାପୁଟ ଜିଲା ଦଶମନ୍ତପୁର ଅଞ୍ଚଳରେ ଦେଶୀ ମଦ କାରବାର କମିବାର ନାଁ ନଉନି। ଏଠାରେ ମଦ କାରବାର ବଢିବାରେ ଲାଗିଛି। ଅବକାରୀ ବିଭାଗ ଏହାକୁ ରୋକିବାରେ ଫେଲ୍ ମାରିଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ଦଶମନ୍ତପୁର ବ୍ଲକରେ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେମାନଙ୍କ ପ୍ରାଦୁର୍ଭାବ ମଧ ଦିନକୁ ଦିନ ବଢୁଛି। ତେଣୁ ମହିଳାମାନେ ବାହାରକୁ ବାହାରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସହରରେ ଖୁଲମଖୁଲା ଓ ଶସ୍ତାରେ ଦେଶୀ ମଦ ବିକ୍ରି କରାଯାଉଛି। ଗୋଟିଏ ପ୍ୟାକେଟ ମାତ୍ର ୧୦ଟଙ୍କାରେ ମିଳୁଛି। ଫଳରେ ଲୋକମାନେ ବେଶି ମାତ୍ରାରେ ମଦ ପିଉଛନ୍ତି। ଶନିବାର ଏହାର ଏକ ଉଦାହରଣ ସାପ୍ତାହିକ ହାଟରେ ଦେଖିବାକୁ ମିଳିଛି। ଜଣେ ମଦ୍ୟପ ସଉଦା କିଣି ହାଟରୁ ଫେରିବା ସମୟରେ ଅତ୍ୟଧିକ ପରିମାଣର ମଦ ପିଇ ରାସ୍ତାରେ ଗଡୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏଭଳି ମଦ୍ୟପଙ୍କ ପାଇଁ ଗାଡି ଚାଳକମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୁଷମାନେ ମଦ୍ୟପାନ କରି ସବୁ ପଇସା ଉଡାଉଛନ୍ତି। ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ଆର୍ଥିକ ମାନଦଣ୍ଡ ଉପରେ ଦେଶୀମଦ ପ୍ରହାର କରୁଛି ବୋଲି ସେମାନେ କହିଛନ୍ତି। ପୂର୍ବରୁ ପ୍ରାୟ ଶତକଡା ୨୦ଭାଗ ଲୋକେ ମଦ ବିକ୍ରି କରୁଥିବାବେଳେ ଏବେ ୮୦ ପ୍ରତିଶତ ଲୋକ ମଦଭାଟି କରି ମାଲାମାଲ ହେଉଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଏ ଦିଗରେ ଅବକାରୀ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଅବକାରୀ ବିଭାଗ ଏଥିପ୍ରତି ଧ୍ୟାନ ନ ଦେଲେ ଆନ୍ଦୋଳନ କରିବୁ ବୋଲି ଅଞ୍ଚଳର ଏସ୍‌ଏଚ୍‌ଜି ଓ କେତେଜଣ ମହିଳା ଚେତାବନୀ ଦେଇଛନ୍ତି। ଅବକାରୀ ବିଭାଗ ଅଧିକାରୀ ଭବାନୀ ଶଙ୍କର ସେଠୀଙ୍କୁ ମୋବାଇଲ ନଂ ୮୨୮୦୦୪୨୫୨ରେ ଯୋଗାଯୋଗ କରିଥିବାବେଳେ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପ୍ରଶାସନ ଚୁପ୍, ଆଗେଇଆସିଲେ ସ୍ୱେଚ୍ଛାସେବୀ

## ସଚେତନତା ପାଇଁ ଟାଙ୍ଗିଲେ ଫଳକ

**ଜୟପୁର, ୧୪।୩(ଡି.ଏନ୍.ଏ.)**

ରାସ୍ତାଘାଟ ପରି ସାର୍ବଜନୀନ ସ୍ଥାନରେ ଲୋକଙ୍କ ସୁରକ୍ଷା ଓ ସଚେତନତା ପାଇଁ ପ୍ରଶାସନ କିଛି ନାମଫଳକ ଲଗାଇବା କଥା। କିନ୍ତୁ ପ୍ରଶାସନ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଭୁଲିଯିବା ପରେ କେତେଜଣ ସଚେତନ ସ୍ୱେଚ୍ଛାସେବୀ ନିଜ ଖର୍ଚ୍ଚରେ ଲୁହା ପ୍ଲେଟ ଓ ଖୁଣ୍ଟ ଲଗାଇଛନ୍ତି। ସ୍ଥାନୀୟ ପାରାବେଢ଼ାସ୍ଥିତ ସରକାରୀ ଶିଶୁ ଭବନ ୧୯୭୭ରେ ସ୍ଥାପିତ ହୋଇଥିଲା। କିନ୍ତୁ ଏଯାବତ୍ ସେଠାରେ ନାମଫଳକ ଟାଙ୍ଗି ନ ଥିଲା ପ୍ରଶାସନ। ଜୟପୁରର ସ୍ୱେଚ୍ଛସେବୀ ଲାଲୁଦେବ ଶର୍ମା, ସୁବାସ ସାହୁ, ରଶ୍ମିରଞ୍ଜନ ସାଗର, ଜୟନ୍ତ ପଟ୍ଟନାୟକ, ସାଗର ପରିଡ଼ା ଏହି କାର୍ଯ୍ୟ ଏବେ ନିଜ ହାତକୁ ନେଇ ପୁରାତନ ଶିଶୁ ଭବନରେ ନାମଫଳକ ଲଗାଇଛନ୍ତି। ଜୟପୁର ସଦରଥାନା ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ପାତ୍ରପୁଟ କୋଲାବ ନଦୀ ପୋଲ ନିକଟରେ ମାଙ୍କଡ଼ମାନେ ଜମା ହୁଅନ୍ତି। ରାସ୍ତାରେ ଯାଉଥିବା ଲୋକେ ସେମାନଙ୍କୁ କଦଳୀ, ଚଣା, ବିସ୍କୁଟ ଦିଅନ୍ତି। ରାସ୍ତା ଉପରେ ଏପରି ଖାଦ୍ୟ ଦେବା ସମୟରେ ବିଭିନ୍ନ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଅଧିକାଂଶ ସମୟରେ ଗାଡ଼ି ଚକା ତଳେ ପଡ଼ି ମାଙ୍କଡ଼ମାନଙ୍କ ଜୀବନ ଯାଉଛି। ବନବିଭାଗ ସେମାନଙ୍କ ସୁରକ୍ଷା ପାଇଁ ଚିନ୍ତିତ ନ ଥିବାବେଳେ ସ୍ୱେଚ୍ଛାସେବୀମାନେ ସଚେତନତା ବୋର୍ଡ଼ ଲଗାଇଛନ୍ତି। ସେହିପରି ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ରାସ୍ତାର ରାମଗିରି ଛକରେ ବୋର୍ଡ ଲଗାଯାଇ ଗୁପ୍ତେଶ୍ୱରକୁ ସ୍ୱଚ୍ଛ ରଖିବା, ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକଙ୍କୁ ଆମିଷ ଭୋଜି ପାଇଁ ବାରଣ ସହ ପଲିଥିନ ବର୍ଜନ କରିବାକୁ କୁହାଯାଇଛି। ଏଭଳି କାର୍ଯ୍ୟରେ ସ୍ୱେଚ୍ଛାସେବୀ ଯୁବକଙ୍କୁ ସ୍ଥାନୀୟ ସୀମା ସୁରକ୍ଷା ବାହିନୀ କ୍ୟାମ୍ପର ଯବାନ ସହାୟତା ଦେଇଛନ୍ତି।




ସ୍ୱେଚ୍ଛାସେବୀମାନେ ସୂଚନା ଫଳକ ଟଙ୍ଗାଉଛନ୍ତି ।

## ସଂକ୍ଷେପରେ

### କନଷ୍ଟେବଲଙ୍କ ଗାଡି ଧକ୍କାରେ ନାବାଳିକା ଗୁରୁତର

**ଫୁଲବାଣୀ ଅଫିସ,୧୪।୩:** ଫୁଲବାଣୀ ସହରରେ ଜଣେ କନେଷ୍ଟବଳଙ୍କ ବାଇକ ଧକ୍କାରେ ନାବାଳିକା ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ନଦୀଖଣ୍ଡି ସାହିର ଶ୍ରଦ୍ଧାଞ୍ଜଳୀ ନାୟକ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଫୁଲବାଣୀ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳୀ ସାଇକେଲ ଚଲାଇ ବହି କିଣିବାକୁ ବଜାର ଯାଉଥିଲେ। ସଦର ଥାନାରେ କାର୍ଯ୍ୟରତ କନେଷ୍ଟବଳ ମନୋରଞ୍ଜନ ସାବତ ବାଇକରେ ଯାଉଥିବାବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଖ ରାସ୍ତାରେ ଶ୍ରଦ୍ଧାଞ୍ଜଳୀଙ୍କ ସାଇକେଲକୁ ପଛପଟୁ ଦ୍ରୁତଗତିରେ ଯାଇ ଧକ୍କା ଦେଇଥିଲେ। ସାଇକେଲଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଶ୍ରଦ୍ଧାଞ୍ଜଳୀ ସଂଜ୍ଞାହୀନ ହୋଇଯାଇଥିଲେ। ଲୋକେ ରୁଣ୍ଡ ହୋଇଯିବା ଦେଖି ସାବତ କୌଶଳକ୍ରମେ ସେଠାରୁ ପଳାଇଥିଲେ। ଏ ନେଇ ଶ୍ରଦ୍ଧାଞ୍ଜଳୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟାଉନ ଥାନାଧିକାରୀ ନରେଶ କୁମାର ସାହୁ ପ୍ରକାଶ କରିଛନ୍ତି।

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଫୁଲବାଣୀ ଅଫିସ, ୧୪।୩:** ଫୁଲବାଣୀ ଟାଉନ ଥାନା ପୋଲିସ ସ୍ଥାନୀୟ ଆମ୍ବେଦକର ସାହିର ଏକ ପରିତ୍ୟକ୍ତ କୂଅରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମୃତ ଦେହକୁ କାଢ଼ିଥିଲେ। ମୃତକଙ୍କ ପରିଚୟ ମିଳି ପାରିନାହିଁ। ବ୍ୟକ୍ତି ଜଣକ କିଏ ଏବଂ କାହିଁକି ଏହି ସ୍ଥାନକୁ ଆସିଥିଲେ ତାହା ସେ ନେଇ ପୋଲିସ ତଦନ୍ତ କରୁଛି। ମୃତଦେହ ଜବତ ହେବା ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ଫିରିଙ୍ଗିଆ, ୧୪।୩:** ଗୋଚ୍ଛାପଡା ପୋଲିସ କୁମେଲସିଂ ଗ୍ରାମରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୫ କୁଇଣ୍ଟାଲ ୧ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁମେଲସିଂ ଗ୍ରାମର ସନ୍ତୋଷ ବଗର୍ତ୍ତି ଏବଂ ମନମୁଣ୍ଡା ଥାନା ଗୁଡିହାଲ ଗ୍ରାମର ପ୍ରଫୁଲ୍ଲ ବଗର୍ତି। ସନ୍ତୋଷଙ୍କ ଘରେ ଗଞ୍ଜେଇ ଥିଲା। ପ୍ରଫୁଲ୍ଲ ତାଙ୍କ ଘରକୁ ଯାଇଥିଲେ। ଉଭୟେ ଗଞ୍ଜେଇ ଚାଲାଣ କରିବାକୁ ସଜବାଜ ହେଉଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମକୁ ଯାଇ ସନ୍ତୋଷଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରୁ ଗଞ୍ଜେଇ ମିଳିଥିଲା। ନଂ.୧୭/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

# ଜାରି ନିର୍ଦ୍ଦେଶ ପ୍ରତ୍ୟାହାର କର: ସଂଘ

**ମାଲକାନଗିରି,୧୪।୩(ଡି.ଏନ୍.ଏ.)**

ସାରା ଦେଶରେ ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ସ୍ୱଚ୍ଛ ଭାରତ ଅଭିଯାନରେ ଛାତ୍ରୀଛାତ୍ର, ବିଭିନ୍ନ ବିଭାଗର ପଦାଧିକାରୀ, ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ଓ ରାଜନୈତିକ ଦଳର କର୍ମୀମାନେ ସାମିଲ ହୋଇ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ପାଇଁ ରାସ୍ତାଘାଟ, ସହର ବଜାର, ବିଭିନ୍ନ କାର୍ଯ୍ୟାଳୟ ପରିସର ପରିଷ୍କାର ରଖିବା ପାଇଁ ସଚେତନ କାର୍ଯ୍ୟକ୍ରମ କରୁଛନ୍ତି। ଏପରି ସ୍ଥଳେ ମାଲକାନଗିରି ଜିଲାରେ କାର୍ଯ୍ୟ କରୁଥିବା ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କୁ ନିଜ କାର୍ଯ୍ୟାଳୟ ଝାଡୁ ମାରିବା ଏବଂ ପାନଛେପ ପଡ଼ିଥିଲେ ତାକୁ ସଫା କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ଏହାକୁ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ନିନ୍ଦା କରିବା ସହ ନିର୍ଦ୍ଦେଶକୁ ପ୍ରତ୍ୟାହାର ପାଇଁ ଦାବି କରିଛି। ଯେଉଁମାନେ ପାନ, ପୁଡ଼ିଆ ଖାଇ ଛେପ ପକାଉଛନ୍ତି ସିସିଟିଭିରୁ ଯାଞ୍ଚ କରି ତାହା ସେମାନଙ୍କୁ ସଫା କରିବା ଲାଗି ନିର୍ଦ୍ଦେଶ ଦେବାକୁ ସଂଘ ପ୍ରକାଶ କରିଛି। ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସଭାପତି ଅଚ୍ୟୁତାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା

**ନିଖିଳ ଉତ୍କଳ ୪ର୍ଥଶ୍ରେଣୀ କର୍ମଚାରୀ ସଂଘର ଜିଲାସ୍ତରୀୟ ସମ୍ମିଳନୀ**


ସମ୍ମିଳନୀରେ ଯୋଗ ଦେଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ।

ଜିଲାସ୍ତରୀୟ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଛି। ଡ୍ରାଇଭର କର୍ମଚାରୀ ସଂଘ ସଭାପତି ଡି. ଧର୍ମା ରାଓ, ସ୍ୱାସ୍ଥ୍ୟ ବିଭାଗ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଭାପତି ନବକିଶୋର ସାହୁ, ସମ୍ପାଦକ ଭଗବାନ ମାଝି, ସହ ସମ୍ପାଦକ ଚନ୍ଦ୍ରଧ୍ୱଜ ନାୟକ, ସଙ୍ଗଠନ ସମ୍ପାଦକ ସଚ୍ଚିନ୍ଦ୍ରନାଥ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଅଭିନ୍ନ ନାୟକ, ସମୀକ୍ଷକ ଚିତ୍ରସେନ ବାରିକ୍, ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାସ, ରାଜ୍ୟ ଅମଲା ସଂଘ ଯୁଗ୍ମ ସମ୍ପାଦକ ସୌମ୍ୟସୁନ୍ଦର ନ୍ୟାୟକ, ଅଣଗେଜେଟେଡ୍ ବନସେବା ସଂଘ ପୂର୍ବତନ ରାଜ୍ୟ ସଭାପତିଙ୍କ ସହ ୮୦ରୁ ଉର୍ଦ୍ଧ୍ୱ ୪ର୍ଥ ଶ୍ରେଣୀ କର୍ମଚାରୀ ଯୋଗଦେଇ ସେମାନଙ୍କ ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସରକାର ଜାନୁୟାରୀ ୨୦ ମଧ୍ୟରେ ସବୁ ବିଭାଗ କର୍ମଚାରୀଙ୍କ ପଦୋନ୍ନତି କମିଟି ମାଧ୍ୟମରେ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ବନ ବିଭାଗ ବ୍ୟତୀତ ଅନ୍ୟ କୌଣସି ବିଭାଗ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ପଦୋନ୍ନତି ମିଳିନାହିଁ। ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ରିହାବିଲିଟେସନ ଯୋଜନାରେ ନିଯୁକ୍ତି ନ ମିଳିବା, କର୍ମଚାରୀଙ୍କ ବାର୍ଷିକ ଇନ୍‌କ୍ରିମେଣ୍ଟ ଠିକ୍ ସମୟରେ କରା ନ ଯିବା, ସରକାରଙ୍କ ଧାର୍ଯ୍ୟ ସମୟଠାରୁ କର୍ମଚାରୀଙ୍କୁ ଅଧିକ ସମୟ କାର୍ଯ୍ୟ କରିବା ଲାଗି ଅଧିକାରୀମାନେ ବାଧ୍ୟ କରିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ କରିବା ନେଇ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନଙ୍କ ଅବସରକାଳୀନ ସମୟସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମସ୍ତ କର୍ମଚାରୀଙ୍କୁ ସରକାରୀ ବାସଗୃହ ଯୋଗାଇଦେବା ପାଇଁ ମଧ ଦାବି କରାଯାଇଥିଲା। ସମ୍ମିଳନୀକୁ ଶ୍ୟାମସୁନ୍ଦର ନ୍ୟାୟକ ପରିଚାଳନା କରିଥିଲେ।

# ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ

**ମାଲକାନଗିରି,୧୪।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୪୧ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି । ତାଙ୍କ ନାମ ପରିମଳ ବିଶ୍ୱାସ। ସେ ନିକଟରେ କୋଲକାତାରେ ଇସ୍କନ ପକ୍ଷରୁ ହେଉଥିବା ଏକ କନ୍‌ଫରେନ୍ସରେ ଯୋଗଦେଇ ଫେରିଥିଲେ। ପରେ ତାଙ୍କୁ କାଶ ଓ ଜ୍ୱର କ୍ରମାଗତ ଲାଗି ରହିବାରୁ କରୋନା ସନ୍ଦେହକରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରୀକ୍ଷା ପରେ ତାଙ୍କ ରିପୋର୍ଟ ନେଗେଟିଭ ଆସିଥିଲା । ତେବେ ତାଙ୍କୁ ବର୍ତ୍ତମାନ ସ୍ୱାଇନ୍ ଫ୍ଲୁ ହୋଇଥିବା ଜଣାପଡ଼ିଛି । ଏବେ ବିଶ୍ୱାସଙ୍କୁ ଏକ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି । ତାଙ୍କ ସଂସ୍ପର୍ଶରେ ଆସିଥିବା ପରିବାର ବର୍ଗଙ୍କୁ ୧୫ ଦିନର ଔଷଧ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଚିକିତ୍ସା ଅଧିକାରୀ ଅନିଲ କୁମାର ମିଶ୍ର କହିଛନ୍ତି। ତେବେ ପରିମଳଙ୍କୁ ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି। ତେବେ ସେ ଘରକୁ ଯିବା ପାଇଁ ଜିଦ୍ କରୁଛନ୍ତି। ଏଥିପାଇଁ ୱାର୍ଡରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏନେଇ ପୋଲିସକୁ ରିପୋର୍ଟ ଦେବା ପରେ ସେ ରହୁଥିବା ୱାର୍ଡରେ ୨ ଜଣ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ୫ ଦିନ ନିୟମିତ ଔଷଧ ଖାଇବା ପରେ ସେ ଭଲ ହୋଇଯିବେ । ଏଥିପାଇଁ କୌଣସି ଭୟ କରିବାର ନାହିଁ ବୋଲି ଡାକ୍ତର ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରବିବାର ଏକ ଡାକ୍ତରୀ ଦଳ ପରିମଳଙ୍କ ଏମ୍‌ଭି-୪୧ ଗ୍ରାମକୁ ଯାଇ ପରିବାର ବର୍ଗଙ୍କୁ ୧୫ ଦିନ ପାଇଁ ଔଷଧ ଦେବେ। ପରିମଳଙ୍କ ପରିବାର ଲୋକେ ଯେପରି ବାହାରେ ବୁଲାବୁଲି ନ କରନ୍ତି ଏବଂ ଗୋଟିଏ ବଖରାରେ ନ ରୁହନ୍ତି ସେନେଇ ଡାକ୍ତରୀଦଳ ପରାମର୍ଶ ଦେବେ ବୋଲି ମିଶ୍ର ସୂଚନା ଦେଇଛନ୍ତି।

# ଚୋରା ଶାଗୁଆନ କାଠ ଜବତ


ଜବତ ଚୋରା କାଠ ।

**ପାରଳାଖେମୁଣ୍ଡି,୧୪।୩ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରତନୟା ବ୍ରିଜ୍ ଉପରୁ ପାରଳାଖେମୁଣ୍ଡି ବନ ବିଭାଗ ପାଟ୍ରୋଲିଂ ସମୟରେ ଚୋରା ଶାଗୁଆନ କାଠ ଜବତ କରିଛି । ବନ ବିଭାଗର ଏକ ଟିମ୍ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଆନ୍ଧ୍ର ଆଡୁ ଆସୁଥିବା ଏକ ଭ୍ୟାନ୍ (ନଂ. ଏପି୩୦ଟିସି-୦୧୭୪) ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଭ୍ୟାନ୍‌ରୁ ୫୬ଖଣ୍ଡ ଶାଗୁଆନ କାଠ ମିଳିଥିଲା। ଭ୍ୟାନ୍‌ରେ ଥିବା ୩ଜଣ ଭ୍ୟାନ୍ ଛାଡି ଫେରାର ହୋଇଯାଇଥିଲେ। ଜବତ କାଠର ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଚଢାଉରେ ଫରେଷ୍ଟର ଶ୍ୟାମସୁନ୍ଦର କଳିଙ୍ଗ ଏବଂ ଫରେଷ୍ଟ ଗାର୍ଡ ଶିବରାମ ସାବତଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। କାଠଗୁଡ଼ିକ ସହ ଭ୍ୟାନ୍‌କୁ ପାରଳାଖେମୁଣ୍ଡି ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି।


କୃତକାର୍ଯ୍ୟ ହାସଲ କରିଥିବା ଛାତ୍ରୀଛାତ୍ରମାନେ।

# ଖଇରପୁଟ ଆଶ୍ରମ ବିଦ୍ୟାଳୟର ୯ଛାତ୍ରୀଛାତ୍ରଙ୍କ ସଫଳତା

**ମାଲକାନଗିରି,୧୪।୩(ଡି.ଏନ୍.ଏ.)**

କଳିଙ୍ଗ ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ଗତ ୮ରେ ହୋଇଥିବା ପ୍ରବେଶିକା ପରୀକ୍ଷାରେ ଖଇରପୁଟ ଆଶ୍ରମ ବିଦ୍ୟାଳୟର ୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଫଳରେ ସେମାନେ ଏହି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବେ। ଉକ୍ତ ୨ ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ ମାଗଣା ଶିକ୍ଷାଦାନ ସହ ଧନ୍ଦାମୂଳକ ଶିକ୍ଷା ଏବଂ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ପ୍ରଦାନ କରାଯାଏ । ଗୋଟିଏ ବିଦ୍ୟାଳୟର ୯ଜଣ ଛାତୀଛାତ୍ର ଉନ୍ନୀତ ହୋଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମନୋନୀତ ଛାତ୍ରୀଛାତ୍ର ହେଲେ ନାଗେଶ୍ୱର ଖେମୁଡୁ , ସୁଶାନ୍ତ ଭୋଇ, କାର୍ତ୍ତିକ ଖେମୁଡୁ, ସାନ ଗୁରୁତେଲି, ହରି ଦୋରା, ଗୀତା ଧାଙ୍ଗଡ଼ା ମାଝି, ପ୍ରଣବି ମାଡକାମୀ, ଉର୍ମି ମୁଦୁଲି ଓ ମାସିନା କିର୍ଷାନି ।

# ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଶୀର୍ଷକ ପାଠଚକ୍ର

**ଗୋବିନ୍ଦପାଲ୍ଲୀ, ୧୪।୩(ଡି.ଏନ.ଏ.)**

ବିଜୁ ପଟ୍ଟନାୟକ ସ୍ନାତକ ଶିକ୍ଷା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଶୀର୍ଷକ ଏହି ପାଠଚକ୍ରରେ ଅଧ୍ୟକ୍ଷ ନବୀନ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏମଭି-୭୯ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀମନ୍ତ ମହାପାତ୍ର ଅତିଥି


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରୂପେ ଯୋଗ ଦେଇଥିଲେ। ଅଧ୍ୟାପିକା ରେଶମା ବିବି ପରିଚାଳନା କରିଥିଲେ। ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ପୋଷଣ ଅଭିଯାନର ବିଭିନ୍ନ କୌଶଳ ତାଲିମ ଶିବିର

**ପାରଳାଖେମୁଣ୍ଡି,୧୪।୩ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ସହାୟତାରେ 'ପୋଷଣ ଅଭିଯାନ'ର ବିଭିନ୍ନ କୌଶଳ ସମ୍ପର୍କିତ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ୨ଦିନିଆ ଜିଲାସ୍ତରୀୟ ତାଲିମ ଶିବିରରେ ମୁଖ୍ୟତଃ ପୋଷଣ ଅଭିଯାନର ୪ର୍ଥ, ୫ମ ଓ ୬ଷ୍ଠ କୌଶଳଗୁଡ଼ିକ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଜିଲାର ସମସ୍ତ ୭ଟି ଯାକ ବ୍ଲକର ସିଡିପିଓ ଓ ସୁପରଭାଇଜର ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏମାନଙ୍କୁ ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଇ, ରାୟଗଡ଼ ସିଡିପିଓ ତେରେସ୍କୋଭା ମଲ୍ଲିକ ଏବଂ ବିଭାଗୀୟ ପୁଷ୍ଟି ସାଧନ ପରିଚାଳକ ଅଜୟ କୁମାର ନାୟକ ତାଲିମ ଦେଇଥିଲେ। ତାଲିମ ଦେଇଥିବା ଏହି ସିଡିପିଓମାନେ ପୂର୍ବରୁ ରାଜ୍ୟସ୍ତରରେ ପ୍ରଶିକ୍ଷଣ ନେଇ ଆସିବା ପରେ ଜିଲା ସ୍ତରରେ ତାଲିମ ପ୍ରଦାନ କରିଛନ୍ତି । ଏହି ତାଲିମ ବ୍ଲକ ସ୍ତରରେ ସମସ୍ତ ସୁପରଭାଇଜର, ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ଓ ପରବର୍ତ୍ତୀ ସମୟରେ ଅଙ୍ଗନୱାଡି ଓ ଆଶାକର୍ମୀମାନେ ନେବେ । ଶିଶୁ ପୁଷ୍ଟିହୀନତା ଓ ରୁଗ୍‌ଣତାର ସମ୍ପୂର୍ଣ୍ଣ ଭାବେ ଦୂରୀକରଣ କରାଯିବା, ଗର୍ଭବତୀ, କିଶୋରୀ, ବାଳିକା ଓ ପ୍ରସୂତି ମାଆମାନଙ୍କ ଅଧିକରୁ ଅଧିକ ସ୍ୱାସ୍ଥ୍ୟଗତ ଯତ୍ନ ନେବା ଏହି ପୋଷଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

# କୁଆଁପଡ଼ା ସେତୁରେ ଲଗାଯାଇଛି ଧମକପୂର୍ଣ୍ଣ ପୋଷ୍ଟର

**ପାରଳାଖେମୁଣ୍ଡି,୧୪।୩ (ସ୍ୱ.ପ୍ର.)**




ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଳିଗଡ଼ ନିକଟସ୍ଥ କୁଆଁପଡ଼ା ସେତୁଠାରେ ଏକ ଧମକପୂର୍ଣ୍ଣ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି । ଏହି ପୋଷ୍ଟରକୁ ନେଇ ଉକ୍ତ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। ଦୟାକରି ଏହି ସେତୁ ପଟେ ଯାଆନ୍ତୁ ନାହିଁ । ସେତୁ ବ୍ଲାଷ୍ଟିଂ ହେବା ସମ୍ଭାବନା ରହିଛି । ଯଦି ଯିବେ ସତର୍କରେ ଯାତାୟାତ କରନ୍ତୁ। ଅଧିକ ଜାଣିବା ପାଇଁ ୯୪୩୮୦୧୨୮୬୦ ନଂ.ରେ ଯୋଗାଯୋଗ କରିବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି । ତେବେ ଏହି ନମ୍ବରରେ ଯୋଗାଯୋଗ କରିବାରୁ ନମ୍ବରଟି ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ରତିରଞ୍ଜନ ପାତ୍ରଙ୍କର ବୋଲି ଜଣାପଡ଼ିଥିଲା । ତେବେ ଏହି ପୋଷ୍ଟର କିଏ ମାରିଛି,ଏହା ପଛରେ କାରଣ କ'ଣ ରହିଛି ସେନେଇ ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ପାତ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ସେ ଆର୍.ଉଦୟଗିରି ଥାନାରେ ଏତଲା ଦେବେ। ଏହି ଖବର ପାଇବା ପରେ ଆର୍.ଉଦୟଗିରି ଥାନା ଅଧିକାରୀ ମମତା ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଏହି ପୋଷ୍ଟର କିଏ ଲଗାଇଛନ୍ତି, ତାଙ୍କର ଉଦ୍ଦେଶ୍ୟ କ'ଣ ସେ ନେଇ ତଦନ୍ତ ଚଳାଇଛନ୍ତି।

# ଖୋଲା ଆକାଶ ତଳେ ୩୭ ପରିବାର

**ଖଜୁରିପଡ଼ା,୧୪।୩(ଡି.ଏନ.ଏ.)**

ଏହି ଜାଗାକୁ ପାହାଡ଼ ପର୍ବତ ଲଟାବୁଦା ଘେରି ରହିଥିଲା। ଆମ୍ଭେମାନେ ବହୁ ପରିଶ୍ରମ କରି ସଫା କରିବା ସହ କୁଡ଼ିଆ ଖଣ୍ଡେଖଣ୍ଡେ କରି ବହୁ ବର୍ଷ ହେଲା ରହୁଛୁ। ମୂଲଲାଗିଲେ ପରିବାର ଚଳୁଛି। ସରକାରୀ ଯୋଜନାରେ ଆମକୁ ବିଦ୍ୟୁତ, ନଳକୂପ, ଆବାସ ଯୋଜନା ଘର, ମଣ୍ଡପ ସହିତ ଅନ୍ୟାନ୍ୟ ସମସ୍ତ ସରକାରୀ ଅନୁଦାନ ମଧ ମିଳୁଥିଲା। ଏମିତିକି ଜାଗା ପାଇଁ ଟଙ୍କା ମଧ ଆମେ ପ୍ରତି ମାସର ବାନ୍ଧିଛୁ। ହେଲେ ଆମ ଘର ଭାଙ୍ଗି ବେସାହାରା କରି ଦିଆଗଲା । ଆମେ ଏବେ ପିଲାଛୁଆ ଧରି ଖୋଲା ଆକାଶ ତଳେ ୬ଦିନ ହେଲା ପଡିଛୁ। ଯୁକ୍ତ ୨ ପରୀକ୍ଷା ଚାଲିଥିବାରୁ କେତେକ ଛାତ୍ର ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ମଧ ଅଭିଯୋଗ କରିଛନ୍ତି। ଆମକୁ ଥଇଥାନ କରାଯାଇ, କ୍ଷତିପୂରଣ ଦିଆଯାଉ। ନଚେତ୍ ମରିବୁ ପଛେ ଜାଗା ଛାଡ଼ିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ସୁରାଦେଇ ଗ୍ରାମର ୩୭ ଉଚ୍ଛେଦ ପରିବାର। ସୂଚନାଯୋଗ୍ୟ ଯେ, ଗତ ୮ ତାରିଖରେ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ସୁରାଦେଇ ଗ୍ରାମରେ ଏକ ସରକାରୀ ଜମି ଜବରଦଖଲ କରି ରହୁଥିବା ୩୭ ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ୭ ଦିନ ବିତି ଯାଇଥିଲେ ମଧ ସେମାନଙ୍କୁ ଥଇଥାନ କରାଯାଇନାହିଁ। ପାଲଖଣ୍ଡେ ଦେଇ ପ୍ରଶାସନ କାମ ସାରିଦେଇଛି। ଉଚ୍ଛେଦ ଜାଗାରେ ହିଁ ୩୭ ପରିବାର ପୋଲଟାଣି ୭ଦିନ ହେଲା ରହୁଛନ୍ତି। ଖୋଲା ଆକାଶ ତଳେ ରୋଷେଇ କରି ଖାଉଛନ୍ତି। ବର୍ଷା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏବେ ଉଚ୍ଛେଦ ପରିବାର ଚିନ୍ତାରେ।


ଖୋଲା ଆକାଶ ତଳେ ଦିନ କାଟୁଥିବା ପରିବାର।

# କରୋନା ପାଇଁ ବଡ଼ଯାତ୍ରା ଫିକା

**ପଡିଆ, ୧୪।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ପଡ଼ିଆ ବ୍ଲକ୍ ଅଞ୍ଚଳରେ ଶନିବାରଠାରୁ ବଡ଼ଯାତ୍ରା ଆରମ୍ଭ ହେବାକୁ ଥିଲା। ମାତ୍ର କରୋନାକୁ ସରକାର ରାଜ୍ୟ ବିପତ୍ତି ଭାବେ ଘୋଷଣା କରିବା ପରେ ଏହି ଯାତ୍ରା ହେବାରେ ବାଧା ସୃଷ୍ଟି ହୋଇଛି। ଖବରରୁ ଜଣାପଡ଼ିଛି ବଡ଼ଯାତ୍ରା ହେଉଛି ମହାପ୍ରଭୁ ବାଲାରାଜୁ, ପୋତରାଜୁ, ପାଡ଼ମରାଜୁ, ମା'ମୁତ୍ୟାଲାମ୍ମା, ପଞ୍ଚୁପାଣ୍ଡବଙ୍କ ଯାତ୍ରା । ଏଥିପାଇଁ ମାଲକାନଗିରି ଜିଲା ସମେତ ପଡ଼ୋଶୀ ରାଜ୍ୟରୁ ୨୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଆଡ଼ମ୍ବର ସହକାରେ ଯାତ୍ରା ପାଳନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଯାତ୍ରା କମିଟି ବଲାଙ୍ଗୀର, ଟିଟିଲାଗଡ଼, ସମ୍ବଲପୁର ଲୋକନୃତ୍ୟ, ଭୁବନେଶ୍ୱର ଏବଂ କୋଲକାତାର ରେକର୍ଡ ଡ୍ୟାନ୍ସ ଏବଂ ମେଲୋଡି ପାଇଁ ଲକ୍ଷାଧିକ ଟଙ୍କା ଅଗ୍ରିମ ଦେଇସାରିଛି। ବିଭିନ୍ନ ବିଭାଗକୁ ଯାତ୍ରା ପାଇଁ ପ୍ରଶାସନକୁ ଅନୁମତି ମଗାଯାଇଥିଲା। କଟକ, ଭୁବନେଶ୍ୱରରୁ ମିନାବଜାର ଆସି ପହଞ୍ଚିଥିଲା। ଏପରି ସ୍ଥିତିରେ ଯାତ୍ରା ନ ହେବା ଆୟୋଜକ


ବଡ଼ ଯାତ୍ରା ପାଇଁ ବସିଥିବା ବୈଠକ।

କମିଟିକୁ କ୍ଷତି ପହଞ୍ଚାଇବ। ସୂଚନାଯୋଗ୍ୟ ଯେ,୨ବର୍ଷରେ ଥରେ ଏହି ବଡ଼ଯାତ୍ରା ହୋଇଥାଏ। ଶ୍ରଦ୍ଧାଳୁମାନେ କେହି ମାନସିକ କରିବା ପାଇଁ ତ କେହି ମାନସିକ ପୂରଣ ହୋଇଥିବାରୁ ଛେଳି, ମେଣ୍ଢା,କୁକୁଡ଼ା ଓ ବତକ ବଳି ପକାଇବାକୁ ଅପେକ୍ଷା କରିଥାଏ। ଅନ୍ୟପକ୍ଷରେ କରୋନାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଶୁକ୍ରବାର ସନ୍ଧ୍ୟାରେ ମୋଟୁ ତହସିଲଦାର ଶଶାଙ୍କ କୁମାର ମିଶ୍ର, ପଡ଼ିଆ ବିଡିଓ ରଘୁନାଥ ମୁଣ୍ଡାରି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡ଼କାମୀଙ୍କ ସହ ଫୋନ୍‌କରି ଆଲୋଚନା କରିଥିଲେ। ଶନିବାର ମୋଟୁ ତହସିଲଦାର ମିଶ୍ର, ପଡ଼ିଆ ବିଡିଓ ମୁଣ୍ଡାରି , ପଞ୍ଚାୟତ ସମିତି ଅଧ୍ୟକ୍ଷ ମାଡ଼କାମୀ, ଥାନା ଅଧିକାରୀ ପ୍ରଭାତ କୁମାର ବେହେରା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ପୂଜା କମିଟି ସଭାପତି ସତ୍ୟନାରାୟଣ ମାଝି, ଏସ୍. ସୁରିବାବୁ, ବିଧାୟକ ପ୍ରତିନିଧି କୋଟାମ ବାଲୟା, ଚିନା ମଙ୍ଗେଲୟା, ରାମଚନ୍ଦ୍ର ମାଝି, କେ. ଭାସ୍କରରାଓ, ଚିନାମ ରେବିଟ କୁମାର, ଉପସଭାପତି ଇଂ. ଭେଙ୍କଟଶ୍ୱରରାଓ, କେ. ବାବୁରାଓ, ଗ୍ରାମ ମୁଖିଆ କେ. ଏଙ୍କେୟା, ମୁଖ୍ୟ ପୂଜାରୀ ପି. ଗଣେଶ, ବି. ବାବୁରାଓଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ବସି ଆଲୋଚନା ହୋଇଥିଲା। କରୋନା ପାଇଁ ମିନାବଜାର ପଡ଼ିବ ନାହିଁ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ । ପୂଜା ଯେପରି ହେବା କଥା ହେବ। ପୂଜା କରିବା ପାଇଁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ପରେ ଯାତ୍ରା ପାଇଁ ଆସିଥିବା ବ୍ୟବସାୟୀମାନେ ନିଜ ସାମଗ୍ରୀ ଧରି ଫେରିଯାଇଥିବା ଦେଖିବାକୁ ମିଳିଛି ।

